## ସଂକ୍ଷେପରେ

### ଅନନ୍ତ ବାସୁଦେବଙ୍କ ମନ୍ଦିରରେ ରତ୍ନମୁଦ

ବାରଙ୍ଗ,୨୬।୬(ଡି.ଏନ୍.ଏ.): ବାବା ସୋମନାଥଙ୍କ ପୀଠରେ ଥିବା ଅନନ୍ତ ବାସୁଦେବଙ୍କ ମନ୍ଦିରରେ ରବିବାର ରତ୍ନମୁଦ ହୋଇଛି। ମନ୍ଦିର ପୂର୍ଣାଙ୍ଗ କାର୍ଯ୍ୟ ଯୋରଦାର ଚାଲିଛି। ଅନନ୍ତ ବାସୁଦେବଙ୍କ ମୂର୍ତ୍ତି ନେପାଳରୁ ଆସିଥିବା ବେଳେ ୪ କୁଇଣ୍ଟାଲ ମାର୍ବଲ ପଥରରେ ନିର୍ମାଣ କରାଯାଇଛି। ଭକ୍ତମାନଙ୍କ ଦାନରେ ମନ୍ଦିର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସୋମବାର ଦଧିନଉତିରେ ରତ୍ନମୁଦ ଦିଆଯାଇଛି। ପାରମ୍ପାରିକ ରୀତିନୀତି ଅନୁଯାୟୀ ସୋମନାଥ ମନ୍ଦିର ବେଢାରେ ହୋମ ଓ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଛି। ପଣ୍ଡିତ ମାଗୁଣି ଷଡ଼ଙ୍ଗୀ, ନୀଳକଣ୍ଠ ମିଶ୍ର, ତାପସ ରଞ୍ଜନ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ଉମାକାନ୍ତ ହାତୀ ଓ ତାଙ୍କ ସହଧର୍ମିଣୀ କଳ୍ପନା ହାତୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ।

### 'ରାଜବନ୍ଦୀଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଉଚିତ୍'

କଟକ ଅଫିସ, ୨୬।୬:ଜରୁରୀ ପରିସ୍ଥିତି ସମୟର ରାଜବନ୍ଦୀମାନଙ୍କ ସମାବେଶ ଏବଂ ଦ୍ୱିତୀୟ ସ୍ୱାଧିନତା ସଂଗ୍ରାମ ସ୍ମାରକ ଦିବସ କଟକ ଟାଉନ୍ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ଜରୁରୀ ପରିସ୍ଥିତି ସମୟରେ ସଂଗ୍ରାମ କରି ଜେଲ୍ ଯାଇଥିବା ରାଜବନ୍ଦୀମାନଙ୍କ ପ୍ରଶଂସା କରିଥିଲେ। ଉକ୍ତ ରାଜବନ୍ଦୀମାନଙ୍କ ଆନ୍ଦୋଳନ ଯୋଗୁ ପରବର୍ତ୍ତୀ ସମୟରେ ଦେଶରେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇପାରିଥିଲା। ଏପରି କି ବିଭିନ୍ନ ଛାତ୍ରନେତା, ଯୁବନେତା ସୃଷ୍ଟି ହୋଇଥିଲେ। ଏଣୁ ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଦରକାର ବୋଲି ବେହେରା କହିଥିଲେ। ବିଦ୍ୟାଧର କୁଅଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଥିଲେ, ରାଜବନ୍ଦୀମାନଙ୍କ ନିମନ୍ତେ ସରକାରୀ ସ୍ତରରେ ଯଦି କୌଣସି ବ୍ୟବସ୍ଥା କରାଯାଇପାରୁ ନାହିଁ ତେବେ ବିଭିନ୍ନ ସଂଗଠନ, ଟ୍ରଷ୍ଟ ମାଧ୍ୟମରେ ସେମାନଙ୍କ ପାଇଁ ଉଦ୍ୟମ କରାଯିବା ଦରକାର। ଏଥିସହ ସେ ସମୟର ଏକ ପୁସ୍ତକ ପ୍ରକାଶନ କରାଯିବା ସହ ରାଜବନ୍ଦୀମାନଙ୍କ ପାଇଁ ପାଣ୍ଠି ଗଠନ କରାଯିବା ଆବଶ୍ୟକ ବୋଲି ଶତପଥୀ କହିଥିଲେ। ଉକ୍ତ ସମାବେଶରେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ଶ୍ରୀଧର ଦାଶ, ପୂର୍ବତନ ଛାତ୍ରନେତା ବିଜୟ କୁମାର ରାଉତରାୟ, ରାଜେନ୍ଦ୍ର ସିଂ, ସୁଶୀଲ କୁମାର ପଣ୍ଡା, ରାମେଶ୍ୱର ପୁରୋହିତ, ରାମ ରତନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ନିରଞ୍ଜନ, ଗୌରହରିଙ୍କୁ ଆନନ୍ଦ ଶ୍ରୀ ସମ୍ମାନ

ଭୁବନେଶ୍ୱର,୨୬।୬(ବ୍ୟୁରୋ): କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ଅନୁଷ୍ଠାନ ପକ୍ଷରୁ ରବିବାର ଆନନ୍ଦ ଉତ୍ସବ ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ ଯୋଗ ଦେଇଥିଲେ। ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସାଧକ ତଥା କଥାକାର ଗୌରହରି ଦାସ ଓ ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତଙ୍କୁ 'ଆନନ୍ଦ ଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଗୁରୁ ବନ୍ଦନା, ପଲ୍ଲବୀ, ସ୍ଥାୟୀ, ଅଭିନୟ ସହ ଗୀତଗୋବିନ୍ଦ ଆଧାରିତ ମଙ୍ଗଳାଚରଣ ଏବଂ ଲୋକନୃତ୍ୟ ସମ୍ବଲପୁରୀ, ବିହୁ ଜନଜାତି ଓ ରାଜସ୍ଥାନୀ ନୃତ୍ୟ ଦଳଗତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଚାଳନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ତଥା ନୃତ୍ୟଗୁରୁ ପୁଷ୍ପିତା ମିଶ୍ରଙ୍କ ସହ ମାନସ ରଞ୍ଜନ ଦାଶ ଓ ତନ୍ଦ୍ରାଳସା ଉପସ୍ଥାପନାକୁ ସଂଯୋଜନା କରିବା ସହ ଅଂଶୁମାନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଦ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟ ୩ ନଂ. ଗେଟ୍

ଭୁବନେଶ୍ୱର, ୨୬।୬ (ବ୍ୟୁରୋ)

ଦୀର୍ଘ ୪୫ ବର୍ଷ ଧରି ଯିବା ଆସିବା କରୁଥିବା ବାଟକୁ ବନ୍ଦ କରିଦେଲେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଫଳରେ ବୀର ସୁରେନ୍ଦ୍ର ସାଏ ନଗରବାସୀ ଏବେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁରକ୍ଷା ଆଳ ଦେଖାଇ ମାସେ ତଳେ ଭିଏସ୍‌ଏସ୍ ନଗର ପାର୍ଶ୍ୱକୁ ଲାଗି ରହିଥିବା ବିଶ୍ୱବିଦ୍ୟାୟର ୩ ନମ୍ବର ଗେଟ ସମ୍ମୁଖରେ କର୍ତ୍ତୃପକ୍ଷ ପ୍ରଥମେ ପାଚେରି ନିର୍ମାଣ କରିଥିଲେ। ଏଥିଯୋଗୁ ଚାରିଚକିଆ ଓ ବଡଗାଡି ଯିବା ଆସିବା ବନ୍ଦ ହୋଇ ଯାଇଥିଲା। ମାତ୍ର ଦୁଇ ଚକିଆ ଯାନ ଛୋଟ ଗେଟ୍ ଦେଇ ଯାତାୟାତ କରୁଥିଲା। କିନ୍ତୁ ଶନିବାର ଉକ୍ତ ଛୋଟ ଗେଟ୍‌କୁ ମଧ୍ୟ ତାଲା ପକାଯାଇଛି। କର୍ତ୍ତୃପକ୍ଷ ଆକ୍ରୋଶମୂଳକ ଭାବେ ରାସ୍ତାକୁ ବନ୍ଦ କରିଦେଇଥିବା ଅଭିଯୋଗ କରିବା ସହ ତୁରନ୍ତ ଗେଟ୍ ଖୋଲିବାକୁ ଭିଏସ୍‌ଏସ୍ ନଗରବାସୀ ଦାବି କରିଛନ୍ତି। ଅପରପକ୍ଷେ ବାଣୀବିହାର ଭିତରକୁ ଯିବା ଆସିବା କରିବା ପାଇଁ ବିନା ଜଗୁଆଳରେ ବହୁ ରାସ୍ତା ଖୋଲା ପଡିଛି। ଏପରି ସ୍ଥିତିରେ ସୁରକ୍ଷା ପାଇଁ ସିକ୍ୟୁରିଟି ଗାର୍ଡ ନିୟୋଜିତ ଥିବା ରାସ୍ତାକୁ ବନ୍ଦ କରିବା କେତେ ଯୁକ୍ତିଯୁକ୍ତ ତାହା ବିଚାର କରିବା ଆବଶ୍ୟକ ବୋଲି ଭିଏସ୍‌ଏସ୍‌ନଗରର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ଦାବି କରିଛନ୍ତି। ଏନେଇ ଆସନ୍ତା ସପ୍ତାହରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମନମୁଖୀ ଭାବେ ନିଷ୍ପତି ନେଇ ବିଭିନ୍ନ ସ୍ଥାନରେ ବ୍ୟବସାୟ କରିବା ପାଇଁ ରାସ୍ତା ଦେଉଛନ୍ତି। ମାତ୍ର ଜନସାଧାରଣଙ୍କ ରାସ୍ତା ବନ୍ଦ କରିଥିବାରୁ ପରିଷଦ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି।



ପାଚେରି ଉଠାଇ ଗେଟ୍‌ରେ ତାଲା ପକାଇ ବାଟ ବନ୍ଦ କରିଦିଆଯାଇଛି।

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିବ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ

ସୂଚନାଯୋଗ୍ୟ, କେତେକ କାମ ପାଇଁ ରବିବାର ଓ ଛୁଟି ଦିନରେ ସମ୍ପୃକ୍ତ ଗେଟ୍ ବନ୍ଦ ରହିବ ବୋଲି ମେ ୧୫ରେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଏକ ନୋଟିସ ଗେଟ୍‌ରେ ଲଗାଯାଇଥିଲା। ତେବେ କାମ ନ ହେବା ପୂର୍ବରୁ ଗେଟ୍ ବନ୍ଦ କରାଯିବାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଫଳରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ପରଦିନ ତରବରିଆ ଭାବେ ରାସ୍ତା ଖୋଲି ଦେଇଥିଲେ। ଏହାପରେ ୧୮ ତାରିଖରେ ସେଠାରେ ପାଚେରୀ ଉଠାଇ ସେ ବାଟକୁ ସବୁଦିନ ପାଇଁ ବନ୍ଦ କରି ଦିଆଯାଇଥିଲା। କେବଳ ଛୁଟିଦିନଗୁଡ଼ିକରେ ଗେଟ୍ ବନ୍ଦ ରହିବ ବୋଲି ସୂଚନା ଦେଇଥିଲେ ବି ସବୁଦିନ ପାଇଁ ରାସ୍ତା ବନ୍ଦ କରାଯାଇଥିଲା। କର୍ତ୍ତୃପକ୍ଷଙ୍କ ଏଭଳି ମନୋମୁଖୀ କାର୍ଯ୍ୟକୁ ଭିଏସ୍‌ଏସ୍‌ନଗରବାସୀ ଦୃଢ ବିରୋଧ କରିବା ସହ ଉକ୍ତ ୩ ନମ୍ବର ଗେଟ୍ ସମ୍ମୁଖରେ ଗଣଧାରଣା ଦେଇଥିଲେ।

# ଜଣେ ଅଣଛାତ୍ର ଗିରଫ, ଅନ୍ୟମାନଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,୨୬।୬(ବ୍ୟୁରୋ):

ଉତ୍କଳ ବିଶ୍ୱବିଦ୍ୟାଳୟରେ ଖଣ୍ଡା, ଭୁଜାଲି ବୁଲାଇବା ସହ ଗାଡ଼ି ଭଙ୍ଗାରୁଜା କରି ଆତଙ୍କ ଖେଳାଇବା ଘଟଣାରେ ଶହୀଦନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ତାରିଣୀ ବସ୍ତିର ରଶ୍ମି ରଞ୍ଜନ ବେହେରା ଓରଫ ଚିନୁ (୨୩)। ରଶ୍ମି ବିଶ୍ୱବିଦ୍ୟାଳୟର ଛାତ୍ର ନ ଥିବା ତଦନ୍ତବେଳେ ଜଣାପଡିଛି। ଏନେଇ ପୋଲିସ ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୮୫/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୋଜା ଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, କେତେଜଣ ଅଣଛାତ୍ର ଶୁକ୍ରବାର ପୂର୍ବାହ୍ନରେ କ୍ୟାମ୍ପସ ପରିସରରେ ଜଣେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଛାତ୍ରୀଙ୍କୁ କମେଣ୍ଟ ମାରିବାରୁ ଉପସ୍ଥିତ ଛାତ୍ରମାନେ ବିରୋଧ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଛାତ୍ର ଓ ଅଣଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। ହେଲେ ଅପରାହ୍ନରେ ୫ ଗାଡିରେ ୧୦ରୁ ଅଧିକ ଅଣଛାତ୍ର ସଂଘବଦ୍ଧ ହୋଇ ପୁଣି କ୍ୟାମ୍ପସକୁ ଆସି ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ସହ ଖଣ୍ଡା, ଭୁଜାଲି ବୁଲାଇ ଆତଙ୍କ ଖେଳାଇଥିଲେ। କେତେଜଣ ଛାତ୍ର ବିରୋଧ କରିବାରୁ ସେମାନଙ୍କ ଉପରକୁ ଖଣ୍ଡା ଫୋପାଡ଼ିଥିଲେ। ଗାଡ଼ି ଭଙ୍ଗାରୁଜା କରିଥିଲେ। ଫଳରେ ବିଶ୍ୱବିଦ୍ୟାଳୟ ପରିସର ଅଶାନ୍ତ ହୋଇ ପଡ଼ିଥିଲା। ପୋଲିସ ପହଞ୍ଚିବା ଦେଖି ସେମାନେ ଖସି ପଳାଇଥିଲେ।

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଖଣ୍ଡା, ଭୁଜାଲି ବୁଲିବା ଘଟଣା



# 'ନିଶାକୁ ନା, ସୁସ୍ଥ ଜୀବନକୁ ହଁ'




ସଚେତନତା ଶୋଭାଯାତ୍ରାରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟମାନେ।

ଭୁବନେଶ୍ୱର,୨୬।୬(ବ୍ୟୁରୋ):

### ଆନ୍ତର୍ଜାତିକ ଡ୍ରଗ୍ସ ଅପବ୍ୟବହାର, ଅନୈତିକ କାରବାର ନିରୋଧ ଦିବସ

ଅନ୍ତର୍ଜାତୀୟ ଡ୍ରଗ୍ସ ଅପବ୍ୟବହାର ଓ ଅନୈତିକ କାରବାର ନିରୋଧ ଦିବସ ଅବସରରେ ରବିବାର କମିଶନରେଟ ପୋଲିସ ଓ ଅବକାରୀ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଜନସଚେତନା ରାଲି ଆୟୋଜନ କରାଯାଇଥିଲା। ବାର୍ତ୍ତା ଥିଲା 'ନିଶାକୁ ନାଁ, ସୁସ୍ଥ ଜୀବନକୁ ହଁ'। ଏହି ରାଲି ରାମମନ୍ଦିର ଛକରୁ ଆରମ୍ଭ ହୋଇ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ଯୁବତୀ, ଯୁବକ ଓ ବୟସ୍କ ବ୍ୟକ୍ତି ଭାଗ ନେଇ ପ୍ଲାକାର୍ଡ ଧରି ନିଶା ବିରୋଧୀ ସ୍ଲୋଗାନ ଦେଇ ବାଟସାରା ଲୋକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ଓଲିଉଡ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଭୂମିକା ଦାସ ପ୍ରମୁଖ ଉପସ୍ଥିତ ରହି ନିଶାରୁ ମୁକ୍ତି ପାଇଁ ଆହ୍ୱାନ ଦେଇଥିଲେ। ରାଜଧାନୀରେ ଏକ ସୁସ୍ଥ ସାମାଜିକ ଜୀବନ ପାଇଁ ଏଭଳି ପଦକ୍ଷେପ ଆଗକୁ ମଧ୍ୟ ଜାରି ରହିବ ବୋଲି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ କୁହାଯାଇଛି।

## ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୪୨ତମ ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଋଷିକେଶସ୍ଥିତ ଦିବ୍ୟଜୀବନ ସଂଘର ଉପ ସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଉପସ୍ଥିତ ଥିଲେ। ପ୍ରତିଷ୍ଠାନ ପକ୍ଷରୁ ୨୦୨୦ ପାଇଁ ରବିନାରାୟଣ ମିଶ୍ର ଓ ୨୦୨୧ ପାଇଁ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ' ଏବଂ ୨୦୨୨ ପାଇଁ ବିଜୟ କୁମାର ମହାପାତ୍ରଙ୍କୁ ଶ୍ରୀ ନୀଳଚକ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ଦ୍ୱାରା ସମ୍ପାଦିତ ଶ୍ରୀଜଗନ୍ନାଥ ଚେତନା, ଭାବସମୁଦ୍ର (୩ୟ ସଂସ୍କରଣ), ଶ୍ରୀମଦ୍‌ଭଗବଦ୍‌ଗୀତା, ଶ୍ରୀ ଅରବିନ୍ଦ ଚିନ୍ତନ (ହିନ୍ଦୀ), ଶ୍ରୀଜଗନ୍ନାଥ ଅନୁଭବ(ବଙ୍ଗଳା) ଆଦି ପୁସ୍ତକ ଲୋକାର୍ପଣ କରାଯାଇଥିଲା। ପ୍ରଫେସର ସୁରେନ୍ଦ୍ର ନାଥ ଦାଶ ସ୍ୱାଗତ ଭାଷଣ ଓ ପ୍ରଫେସର ପ୍ରମୋଦ କୁମାର ପରିଡ଼ା ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ପ୍ରଫେସର ନାରାୟଣ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ପ୍ରଫେସର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପୁଣ୍ୟଦର୍ଶନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଜ୍ଞା ନୃତ୍ୟାୟନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଓକିଲଙ୍କ ଆକ୍ରମଣରେ କନଷ୍ଟେବଲଙ୍କ ମୁଣ୍ଡ ଫାଟିଲା

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ଭୁବନେଶ୍ୱର କୋର୍ଟ ପରିସରରେ ରବିବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଛି। ଓକିଲଙ୍କ ପଥର ମାଡ଼ରେ ନୟାପଲ୍ଲୀ ଥାନା ଏସ୍କର୍ଟ ଟିମ୍‌ର ଜଣେ କନଷ୍ଟେବଲ ଆହତ ହୋଇଛନ୍ତି। ସେ ହେଲେ ବିକ୍ରମସେନ ବେହେରା। ତାଙ୍କ ମୁଣ୍ଡ ଫାଟିଯାଇଛି। କ୍ୟାପିଟାଲ ହସ୍ପିଟାଲରେ ବିକ୍ରମସେନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଛି। ଏନେଇ ବଡ଼ଗଡ଼ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୨୧୯/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆକ୍ରମଣ କରିଥିବା ଓକିଲଦ୍ୱୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ବଡ଼ଗଡ଼ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ନିଶା କାରବାର ମାମଲାରେ ଦୋଷୀ ସାବ୍ୟସ୍ତ ଜଣେ ଅଭିଯୁକ୍ତ ଭୁବନେଶ୍ୱର କୋର୍ଟ ପରିସରରୁ ଶନିବାର ଫେରାର ହୋଇଯିବା ପରେ କୋର୍ଟରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଯାଇଛି। ସନ୍ଧ୍ୟାରେ ନୟାପଲ୍ଲୀ ଥାନାର ୫ ଜଣିଆ ଏସ୍କର୍ଟ ଟିମ୍ ୩ଟି ମାମଲାରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପାଇଁ ନେଇଥିଲେ। ଏସ୍କର୍ଟ ଟିମ୍ କାଗଜପତ୍ର ଯାଞ୍ଚ କରିବାକୁ ସମସ୍ତ ଅଭିଯୁକ୍ତଙ୍କୁ ନେଇ କୋର୍ଟ ସବ୍ ଇନ୍ସପେକ୍ଟର(ସିଏସ୍‌ଆଇ) ଅଫିସ ଭିତରକୁ ଯାଇଥିଲେ। ଏହି ସମୟରେ ସାଦା ପୋଷାକରେ ୨ଜଣ ଓକିଲ ସିଏସ୍‌ଆଇ ଅଫିସ ଭିତରକୁ ପଶିବାକୁ କହିଥିଲେ। ହେଲେ କାର୍ଯ୍ୟରେ ଥିବା ସିଏସ୍‌ଆଇ ସେମାନଙ୍କୁ ବାରଣ କରିଥିଲେ। ସିଏସ୍‌ଆଇଙ୍କ ପରାମର୍ଶକ୍ରମେ ଏସ୍କର୍ଟ ଟିମ୍‌ର ଜଣେ କନଷ୍ଟେବଳ ଗେଟ ବନ୍ଦ କରି ଦେଇଥିଲେ। ଫଳରେ ଓକିଲଦ୍ୱୟ ରାଗି ଯାଇଥିଲେ। ଏସ୍କର୍ଟ ଟିମ୍‌ର ଉକ୍ତ କନ୍‌ଷ୍ଟେବଳ ଜଣକ ବାହାରକୁ ଆସିଲା ପରେ ଓକିଲଦ୍ୱୟ ତାଙ୍କୁ ଗାଳି କରିବା ସହ ମାଡ଼ ମାରିଥିଲେ। ଏହି ସମୟରେ କନଷ୍ଟେବଳ ବିକ୍ରମ ଗଣ୍ଡଗୋଳ ରୋକିବାକୁ ଚେଷ୍ଟା କରୁଥିବାବେଳେ ଓକିଲଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏହି ଆକ୍ରମଣରେ ବିକ୍ରମଙ୍କ ମୁଣ୍ଡରେ ଆଘାତ ଲାଗିଥିଲା।

### କୋର୍ଟ ପରିସରରେ ଗଣ୍ଡଗୋଳ



# ୧୫୦ ଗ୍ରାମ୍ ଅଳଙ୍କାର ଜବତ, ୩ ଗିରଫ

ମଙ୍ଗୁଳି, ୨୬।୬(ଡି.ଏନ୍.ଏ.)

### ତ୍ରିନାଥସାହି ଚୋରି ଘଟଣା

**■ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଗଲା**

ଜଗତ୍‌ପୁର ଥାନା ଅଧୀନ ତ୍ରିନାଥ ସାହି ଅଞ୍ଚଳରୁ ଚୋରି ଘଟଣାରେ ପୋଲିସ ୪ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ପୁର ଥାନା ଅଧୀନ ତ୍ରିନାଥ ସାହିର ମୁଖ୍ୟ ଅଭିଯୁକ୍ତ ଚିନ୍ମୟ ଧଳ, ବିକ୍ରମ ପାଶୱାନ ଓ ବିଡାନାସୀ ଥାନା ଅନ୍ତର୍ଗତ କୃଷକ ବଜାର ଅଞ୍ଚଳର ସୁବାସ ସେନ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇ ଦିଆଯାଇଛି। ଏଥିସହ ସେମାନଙ୍କଠାରୁ ୫୫ ହଜାର ଟଙ୍କାର ରାଶନ ସାମଗ୍ରୀ, ୪ଟି ମୋବାଇଲ ଫୋନ ଓ ୧୫୦ ଗ୍ରାମ ଓଜନର ରୁପା ଅଳଙ୍କାର ଜବତ ହୋଇଛି।

ସୂଚନା ଅନୁଯାୟୀ, ଗତ ୨୩ ତାରିଖ ରାତିରେ ତ୍ରିନାଥ ସାହି ଅଞ୍ଚଳର ରୀନା ପାଶୱାନ ନାମ୍ନୀ ମହିଳାଙ୍କ ପରିବାର ଲୋକେ କବାଟ ଖୋଲାକରି ଶୋଇଥିଲେ। ଏହାର ସୁଯୋଗ ନେଇ ୪ଜଣ ଦୁର୍ବୃତ୍ତ ତାଙ୍କ ଘରୁ ଅଳଙ୍କାର ଓ ଗୋଟିଏ ମୋବାଇଲ ଫୋନ୍ ନେଇ ପଳାଇଥିଲେ। ଏ ନେଇ ରୀନାଙ୍କ ଅଭିଯୋଗକୁ ଭିତ୍ତିକରରି ପୋଲିସ ଏକ ମାମଲା(ନଂ.୨୫୬/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ନିଖୋଜ ଛାତ୍ରୀଙ୍କୁ ଉଦ୍ଧାର ଦାବିରେ ଥାନା ଘେରାଉ

ବାଲିପାଟଣା,୨୬।୬(ଡି.ଏନ୍.ଏ.):

ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀ ଗତ ୨୨ତାରିଖରୁ ନିଖୋଜ ଅଛନ୍ତି। ମୁସଲମାନ ସମ୍ପ୍ରଦାୟର ଜଣେ ଯୁବକ ତାଙ୍କ ନାତୁଣୀକୁ ଅପହରଣ କରିଥିବା ନେଇ ଜେଜେମା ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ସମ୍ପୃକ୍ତ ଛାତ୍ରୀଙ୍କୁ ଉଦ୍ଧାର କରିପାରି ନ ଥିବା ବେଳେ ଅଭିଯୁକ୍ତଙ୍କୁ ମଧ୍ୟ ଧରିପାରି ନାହିଁ। ଏହାର ପ୍ରତିବାଦରେ ରବିବାର ନିଖୋଜ ଛାତ୍ରୀଙ୍କ ଜେଜେମାଙ୍କ ସମେତ କେତେଜଣ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଘେରାଉ ହଟିଥିଲା। ଅନ୍ୟପକ୍ଷରେ ତୁରନ୍ତ ତାଙ୍କ ନାତୁଣୀ ଉଦ୍ଧାର କରାନଗଲେ ଥାନା ଆଗରେ ଆତ୍ମହତ୍ୟା କରିବେ ବୋଲି ଜେଜେମା ଚେତାବନୀ ଦେଇଛନ୍ତି। ସୂଚନା ମୁତାବକ, ଛାତ୍ରୀ ଜଣଙ୍କ ଗତ ୨୨ ତାରିଖରେ ସ୍କୁଲକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ ସମ୍ପୃକ୍ତ ଛାତ୍ରୀଙ୍କ ଜେଜେମା ଥାନାରେ ଅଭିଯୋଗ କରିଥିଲେ।



ଥାନାଧିକାରୀ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି।

### ୨୨ ତାରିଖରୁ ପତ୍ତା ମିଳୁନି



କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ଅନୁଷ୍ଠାନ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ 'ଆନନ୍ଦ ଉତ୍ସବ'ରେ ଅତିଥିଙ୍କ ଗହଣରେ ପୁରସ୍କୃତ ନୃତ୍ୟଶିଳ୍ପୀମାନେ।



ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ରବିବାର କମିଶନରେଟ ପୋଲିସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ସାରସ୍ୱତ ସମ୍ମେଳନରେ ଅତିଥିମାନେ ସୂର୍ଯ୍ୟମଣି ତ୍ରିପାଠୀଙ୍କ ପୁସ୍ତକ 'ମାତୁଳ ସମ୍ବାଦ'କୁ ଉନ୍ମୋଚନ କରୁଛନ୍ତି।



ଉତ୍କଳ ଗୌରବ ମଧୁସୂଦନ ସାଂସ୍କୃତିକ ପରିଷଦ ବାଲେଶ୍ୱର ପକ୍ଷରୁ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟା ଭବନଠାରେ ରବିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ପାଳନ ଅବସରରେ କୁଇଜ୍ ପ୍ରତିଯୋଗିତା, ସେମିନାର ହଲ-୧, କିଟ୍ କ୍ୟାମ୍ପସ-୬, ପଟିଆ, ସକାଳ ୯ଟା।
- ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେଶନ ଲିମିଟେଡର ଅବସରପ୍ରାପ୍ତ କର୍ମଚାରୀଙ୍କ ଶାନ୍ତିପୂର୍ଣ୍ଣ ଧାରଣା, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେଶନ ଲିମିଟେଡ, ସତ୍ୟନଗର, ପୂର୍ବାହ୍ନ ୧୦ଟା।
- ମାରଓ୍ୱାଡି ମହିଳା ସମିତି ପକ୍ଷରୁ 'ଫ୍ୟୁଜନ-ଦି ଡିଜାଇନର ହାଉସ' ପ୍ରଦର୍ଶନୀ ଉଦ୍‌ଘାଟନ, ହୋଟେଲ ନ୍ୟୁ ମାରିଅନ, ପୂର୍ବାହ୍ନ ୧୧ଟା।
- ସମାଜବାଦ ପାର୍ଟି ପକ୍ଷରୁ କଳିଙ୍ଗ ରେଜିମେଣ୍ଟ ପ୍ରତିଷ୍ଠା ଦାବି ଓ ଅଗ୍ନିପଥ ଯୋଜନା ବାତିଲ ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର, ରାଜଭବନ, ମଧାହ୍ନ ୧୨ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚର ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ସନ୍ଧ୍ୟା ୬ଟା।
- ଗନ୍ଧର୍ଭ କଳା ପରିଷଦ ପକ୍ଷରୁ ୪୮ତମ ଡକ୍ଟର ଦିବାକର ମିଶ୍ର ଗନ୍ଧର୍ଭ କଳା ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଅନ୍ତର୍ଜାତୀୟ ଦୃଷ୍ଟିହୀନ ବଧିର ଦିବସ ପାଳନ, ବ୍ଲାଇଣ୍ଡ ଆସୋସିଏଶନ, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।

# ୧.୩ କୋଟି ଟଙ୍କାର ବ୍ରାଉନସୁଗାର ଜବତ

## ଖୋର୍ଦ୍ଧାରେ ଏସ୍‌ଟିଏଫ୍ ଚଢ଼ାଉ
## ୪ ନିଶା ବେପାରୀ ଗିରଫ

ଖୋର୍ଦ୍ଧା ଅଫିସ/ ଭୁବନେଶ୍ୱର,୨୬।୬(ବ୍ୟୁରୋ)



ଗିରଫ ୪ ନିଶା ବେପାରୀ।

ଖୋର୍ଦ୍ଧାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୧ କେଜି ୩୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ୪ ଜଣଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଉନ ଥାନା କୋଚିଲାବନର ରାକେଶ କୁମାର ବାରିକ, ବିରଞ୍ଚି ନାରାୟଣ ସାହୁ, ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ଜଗବନ୍ଧୁ ବିଶ୍ୱାଳ ଓ ଶାଗୁଆନ ବଗିଚାର ସନ୍ତୋଷ ରାଉତରାୟ। ଜବତ ବ୍ରାଉନସୁଗାର ମୂଲ୍ୟ ୧ କୋଟି ୩୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏନେଇ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୬/୨୦୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶନିବାର ସକାଳେ ବରୁଣେଇ ଛକ ନିକଟରେ ଏକ ବଡ଼ ଧରଣର ବ୍ରାଉନସୁଗାର ଡିଲ୍ ହେବା ନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢ଼ାଉ କରି ୪ଜଣ ନିଶା ବେପାରୀଙ୍କୁ ଧରିବା ସହ ବ୍ରାଉନସୁଗାର ଜବତ କରିଥିଲା। ତେବେ ଏହି ର୍‍ୟାକେଟ୍‌ରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ମାଷ୍ଟର ମାଇଣ୍ଡ କିଏ, ଜବତ ବ୍ରାଉନସୁଗାର କେଉଁ ସ୍ଥାନକୁ ପଠାଯାଇଥାନ୍ତା, ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ଏବେ ବ୍ରାଉନସୁଗାର କାରବାରର ପେଣ୍ଟସ୍ଥଳୀ ପାଲଟିଛି। କୋଲକାତା,ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଏଠାକୁ ବ୍ରାଉନସୁଗାର ଆସୁଛି। ଏଠାରୁ ଭୁନେଶ୍ୱର ସମେତ ପଡୋଶୀ ଜିଲା ଓ ଗ୍ରାମାଞ୍ଚଳକୁ ପଠାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ସ୍ଥାନୀୟ ପୋଲିସ ନିଶା ବେପାରୀଙ୍କ ଉପରେ କାହିଁକି ପଦକ୍ଷେପ ନେଉ ନାହିଁ ତାହାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଥାନା କର୍ମଚାରୀ ଭିତିରି ନିଶା ମାଫିଆଙ୍କ ସହ ଭିତିରି ସମ୍ପର୍କ ରଖି ସୁରକ୍ଷା ଦେଉଥିବା ମଧ୍ୟ ଅଭିଯୋଗ ଉଠୁଛି। ଏପରିସ୍ଥିତିରେ ଏସ୍‌ଟିଏଫ୍ ବାରମ୍ବାର ଚଢ଼ାଉ କରି ଖୋର୍ଦ୍ଧାରୁ ବିପୁଳ ନିଶାଦ୍ରବ୍ୟ ଜବତ କରୁଥିବାରୁ ନିଶା ମାଫିଆଙ୍କ ମଧ୍ୟରେ ଭାଳେଣି ପଡିଛି। ରିପୋର୍ଟ ଅନୁଯାୟୀ, ନିଶା କାରବାରକୁ ରୋକିବା ଲାଗି ଏସ୍‌ଟିଏଫ୍ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲିଛି। ୨୦୨୦ରୁ ଏଯାବତ୍ ରାଜ୍ୟରୁ ୫୫ କେଜିରୁ ଅଧିକ ବ୍ରାଉନସୁଗାର, ହେରୋଇନ, ୨୦୨ ଗ୍ରାମ କୋକେନ, ୧୧୧ କୁଇଣ୍ଟାଲ ଗଞ୍ଜେଇ ଏବଂ ୭୫୦ ଗ୍ରାମ ଅଫିମ ଜବତ କରିବା ସହ ୧୫୬ଜଣ ନିଶା ବେପାରୀଙ୍କୁ ଗିରଫ କରିଛି।

### ଭୁବନେଶ୍ୱରରୁ ୨ ବ୍ରାଉନସୁଗାର ବେପାରୀ ଗିରଫ

ଭୁବନେଶ୍ୱର,୨୬।୬(ବ୍ୟୁରୋ): ଶହୀଦନଗର ଥାନା ପୋଲିସ ରବିବାର ସ୍ଥାନୀୟ ଶାନ୍ତିପଲ୍ଲୀ ବସ୍ତିରେ ଚଢ଼ାଉ କରି ଦୁଇ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ କାର୍ଗିଲ୍‌ରୋଡର ଶଙ୍କର ବିନ୍ଧାଣି(୨୭) ଓ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧେଶ୍ୱରୀନଗରର ଗୁଡୁ ନାୟକ ଓରଫ ଚିକୁ (୨୮)। ସେମାନଙ୍କ ନିକଟରୁ ୪୦ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (୨୮୯/୨୦୨୨) ରୁଜୁ କରାଯାଇ ତଦନ୍ତ କରାଯାଉଛି। ସୋମବାର ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସାମ୍ନାସାମ୍ନି ଜେରା ହେବେ ଦୁଇ ପୁରୁଷ ବନ୍ଧୁ

## ଅଭିନେତ୍ରୀ ରଶ୍ମିରେଖା ଆତ୍ମହତ୍ୟା ମାମଲା

ଭୁବନେଶ୍ୱର,୨୬।୬(ବ୍ୟୁରୋ)



ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ ସୋନି(୨୨)ଙ୍କ ଆତ୍ମହତ୍ୟାକୁ ନେଇ ରହସ୍ୟ ଲାଗି ରହିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜାଣିବାକୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଭିନ୍ନ ଭିନ୍ନ ଦିନରେ ୨ ପୁରୁଷ ବନ୍ଧୁ ରାଜା ଓ ସନ୍ତୋଷଙ୍କୁ ପୋଲିସ ଜେରା କରିଥିଲେ ମଧ୍ୟ ଘଟଣାର ପ୍ରକୃତ ସତ୍ୟତା ଜଣାପଡ଼ିନାହିଁ।

ଏହି ମାମଲାରେ ଗୁରୁବାର ପୂର୍ବତନ ପୁରୁଷବନ୍ଧୁ ରାଜାଙ୍କୁ ପୋଲିସ ପ୍ରାୟ ୧ ଘଣ୍ଟା ଧରି ଥାନାରେ ଜେରା କରିଥିଲା। ସେହିପରି ସନ୍ତୋଷଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଦୀର୍ଘ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜେରା କରାଯାଇଥିଲା। ହେଲେ ଉଭୟଙ୍କ ମଧ୍ୟରେ କଥାର ତାଳମେଳ ରହୁ ନ ଥିବାରୁ ପୋଲିସର ସନ୍ଦେହ ବଢ଼ିଛି। ତେଣୁ ଉଭୟ ପୁରୁଷବନ୍ଧୁଙ୍କୁ ସାମ୍ନାସାମ୍ନି ଜେରା କରିବାକୁ ଥାନାକୁ ଡକାଯାଇଛି। ଉଭୟଙ୍କୁ ପୂର୍ବରୁ ପଚରାଯାଇଥିବା କେତେକ ପ୍ରଶ୍ନକୁ ଆଉଥରେ ପଚରାଯିବ। ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ପଚାରି ସତ କ'ଣ ଧରିବ ପୋଲିସ। ସୂଚନା ଅନୁଯାୟୀ, ରଶ୍ମିରେଖାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଙ୍କେତପାଟଣା ଗ୍ରାମରେ। ସେ ୨ ମାସ ହେବ ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଡ଼ସାହିସ୍ଥିତ ଏକ ଭଡ଼ାଘରେ ପୁରୁଷବନ୍ଧୁ ସନ୍ତୋଷଙ୍କ ସହ ରହୁଥିଲେ। ୧୮ ତାରିଖ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ସମ୍ପର୍କରେ ସନ୍ତୋଷଙ୍କଠାରୁ ଖବରପାଇ ପରିବାର ଲୋକ ଭୁବନେଶ୍ୱରରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ଉକ୍ତ ଘର ତାଲା ଭାଙ୍ଗି ଝୁଲନ୍ତା ଅବସ୍ଥାରେ ରଶ୍ମିରେଖାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରଥଯାତ୍ରାରେ କରୋନା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬।୬(ବ୍ୟୁରୋ) - ଓଡ଼ିଶା ସମୟରେ ବିଭିନ୍ନ ରାଜ୍ୟରେ ଏବେ ପୁଣି କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏହା ଭିତରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଥିବାବେଳେ ପ୍ରବଳ ଭିଡ଼ ହେବାର ଆଶଙ୍କା ରହିଛି। ଏପରିସ୍ଥିତିରେ ରଥଯାତ୍ରାରେ ସଂକ୍ରମଣ ଏଡ଼ାଇବା ଲାଗି ରାଜ୍ୟ ସରକାର ପୁରୀ ଜିଲା ପ୍ରଶାସନକୁ କୋଭିଡ୍ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରଥଯାତ୍ରା ସମୟରେ କୋଭିଡ୍ ସଂକ୍ରମିତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ସମୟରେ କୋଭିଡ୍ କେୟାର ସେଣ୍ଟର, ଅକ୍ସିଜେନ ସୁବିଧାଯୁକ୍ତ ବେଡ୍, ଆଇସିୟୁ ଓ ଏଚ୍‌ଡିୟୁ ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ କହିଛନ୍ତି। ଯେଉଁ ବ୍ୟକ୍ତିଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଯାଉଛି, ରଥଯାତ୍ରା ସମୟରେ ପୁରୀକୁ ନ ଆସନ୍ତୁ ବୋଲି ସେ ନିବେଦନ କରିଛନ୍ତି। ସ୍ୱତନ୍ତ୍ର ଶିବିର ମାଧମରେ ଲୋକଙ୍କୁ ଦ୍ୱିତୀୟ ଡୋଜ୍ ଓ ପ୍ରିକସନ ଡୋଜ ଟିକା ଦେବା ପାଇଁ ମଧ ପରାମର୍ଶ ଦିଆଯାଇଛି। ସେହିଭଳି ନମୁନା ସଂଗ୍ରହ ଓ ପରୀକ୍ଷାକୁ ଗୁରୁତ୍ୱ ଦିଆଯିବା ପାଇଁ କୁହାଯାଇଛି।

## ୨୮ରୁ ପ୍ରବଳ ବର୍ଷା



ଭୁବନେଶ୍ୱର, ୨୬।୬(ବ୍ୟୁରୋ) - ରାଜ୍ୟରେ ମୌସୁମୀ ପ୍ରବେଶ କରିବା ପରେ ଏବେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ତେବେ ମଙ୍ଗଳବାରଠାରୁ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ମଙ୍ଗଳବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, କୋରାପୁଟ, ଦେବଗଡ଼, ମାଲକାନଗିରିରେ ପ୍ରବଳ ବର୍ଷା ହେବ। ବୁଧବାର ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ, ଗୁରୁବାର ଦିନ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ମାଲକାନଗିରି, ରାୟଗଡ଼ା, ଗଜପତି, କୋରାପୁଟ, ନୂଆପଡ଼ା, ବଲାଙ୍ଗୀର, ସୋନପୁର ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ତେବେ ସୋମବାର ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ କାଳବୈଶାଖୀ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ରଥକୁ ଉଠିଲା କଳସ, ଓଲଟ ଶୁଆ: ଲାଗିଲା ହଂସପଟା


ତିନି ରଥକୁ କଳସ ଓ ଓଲଟ ଶୁଆ ଉଠାଯାଉଛି।

ପୁରୀ ଅଫିସ, ୨୬।୬

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ୪ଦିନ ବାକିଥିବାବେଳେ ଶ୍ରୀନଅର ନିକଟ ଅସ୍ଥାୟୀ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ଉପର ଅଂଶ ବତାଫାଳିଆ କାଠ ବଟନ ୮ଟି ଲେଖାଏ ପଡ଼ିବା ସହ ବଡ଼ଧରା ପୋଟଳଠାରୁ ଚନ୍ଦ୍ରଶାଳୀ ପର୍ଯ୍ୟନ୍ତ ତିନିରଥ କୋଣଗୁଡ଼ିକରେ ତିନୋଟି ଲେଖାଏ ମଣ୍ଡଣି ବଟନ ପଡ଼ିଥିଲା। ରବିବାର ତିନିରଥକୁ କଳସ, ଓଲଟ ଶୁଆ ଏବଂ ଅଁଳା ଉଠିଛି। ଏଥିସହ ହାତିଆଳ ମାଳ ଓ କଣବତା ସେଟିଂ କରାଯାଇ କଣ୍ଟା ବାଡ଼ିଆ ସମ୍ପୂର୍ଣ୍ଣ ହୋଇଛି। ତିନିରଥର ବେଦି ପାର୍ଶ୍ୱ ପଟା ତଳେ ହଂସପଟା ବାଡ଼ିଆ ଶେଷ ହୋଇଛି। ଘୋଡ଼ା ସେଟିଂ ପାଇଁ ଜୁଆଳି ଓ ଈଶ ନିର୍ମାଣ ସରିଛି। ତିନିରଥର ପ୍ରଭାଗୁଣ୍ଠି ନିର୍ମାଣ ସରି ସେଥିରେ ରଙ୍ଗ କାର୍ଯ୍ୟ ହେଉଛି। ରୂପକାର ସେବକମାନେ ପ୍ରଭାରେ ରୂପ ଖୋଦେଇ ଶେଷ କରିଛନ୍ତି। ଚିତ୍ରକର ସେବକମାନେ ପ୍ରଭାରେ ଖୋଦିତ ରୂପରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ନନ୍ଦିଘୋଷ ରଥର ସିଂହାସନ ବେଦି ଚାରିପଟ ଗାଇ ଗୋଠ, ନନ୍ଦିଘୋଷ ରଥର ବ୍ରେକର ରଙ୍ଗ କାର୍ଯ୍ୟ ସହ ସେଥିରେ ହାତୀ ମାଳ ଚିତ୍ର ଅଙ୍କନ ସରିଛି। ଚକ, ଦଣ୍ଡା, ଚାରିନାହାକା, ଚଉଦ ନାହାକା ସମେତ ଘଣ୍ଟି ପିତଳ କଳସ ଆଦିରେ ରଙ୍ଗ କାର୍ଯ୍ୟ ଚାଲିଛି। ତିନିରଥର ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୧୮ ଜଣ ଦରଜି ସେବକ ତିନିରଥର ୧୨ଟି ଦୁଆରବେଢ଼ା ମାପ ପ୍ରକାରେ କନା କଟିଂ ପରେ ସେଥିରେ ଲେସ୍ ଚିକ୍କଣ ସିଲଭର ଜରି ଫୁଲ, ଫୁଲ ଡାଳି ପଡି ଦୁଆର ବେଢ଼ା କାମ ଶେଷ ହୋଇଛି। ତିନିରଥର ୧୨ଟି ଚନ୍ଦ୍ରଶାଳୀ ଓ ୧୨ଟି ଅଁଳାଶ୍ରୀ କାମ ସରି କନକମୁଣ୍ଡି ପାଇଁ ଚାନ୍ଦୁଆ, ଉଡ଼ାଚାନ୍ଦୁଆ, ସାରଥୀ ପୋଷାକ, ମଗର ବତା, ଧ୍ୱଜ, ପତାକା (ଚନ୍ଦ୍ରଶାଳୀ ଉପର) ଏବଂ ଲାଗିଲୁଗା ସିଲେଇ କାର୍ଯ୍ୟ ଜାରି ରହିଛି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ରଥରେ ଓଲଟଶୁଆ ଓ କଳସ ଫିଟିଂ ପାଇଁ ନାରଜ କଣ୍ଟା ମହାରଣାମାନଙ୍କୁ ଯୋଗାଇବା ସହ ପ୍ରଭା ଫିଟିଂ ପାଇଁ ପ୍ରଭାକଣ୍ଟା ନିର୍ମାଣ ଜାରି ରଖିଛନ୍ତି। ରଥଚାଳିରେ କାଠ ନିର୍ମାଣ କାର୍ଯ୍ୟ ସରିଥିବାରୁ ଛାଞ୍ଚ ଛପର ଖୋଲାଯାଇଛି।

# ମହାପ୍ରଭୁଙ୍କ ଖଳିଲାଗି ନୀତି ସମ୍ପନ୍ନ

ପୁରୀ ଅଫିସ, ୨୬।୬


ଶୁଦ୍ଧସୁଆରଙ୍କ ଘରୁ ଶ୍ରୀମନ୍ଦିରକୁ ଖଳି ନିଆଯାଉଛି।

ଆଷାଢ଼ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ରବିବାର ମହାପ୍ରଭୁଙ୍କ ଘଣାଲାଗି ନୀତି ସମ୍ପନ୍ନ ହେବା ସହ ସୁଦ୍ଧ ସୁଆରଙ୍କ ଘରୁ ଖଳି ଶ୍ରୀମନ୍ଦିରକୁ ବିଜେ କରିଛି। ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଖଳି ମହାପ୍ରସାଦଲାଗି ନୀତି ସମ୍ପନ୍ନ ହୋଇଛି। ସେହିପରି ଦତ୍ତ ମହାପାତ୍ରଙ୍କ ଘରୁ ଆସିଥିବା ଖଡ଼ି ମହାପ୍ରଭୁଙ୍କୁ ଲାଗି କରାଯାଇଛି। ଘଣା ଲାଗି ଓ ଶ୍ରୀପୟର ମୁଦ ଉପଲକ୍ଷେ ପାଟଡୋର, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି ହୋଇଛି। ଶୁଦ୍ଧ ସୁଆରଙ୍କ ବାସଭବନରେ ଖଳିହାଣ୍ଡିକୁ ଘରର ମହିଳାମାନେ ବନ୍ଦାପନା କରିଥିଲେ। ବିଜେ କାହାଳି ବାଜିବା ପରେ ଶୋଭାଯାତ୍ରାରେ ଖଳି ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧସୁଆର ଖଳିପ୍ରସାଦକୁ ନେଇ ଦଇତାପତିଙ୍କୁ ହସ୍ତାନ୍ତର କରିବା ପରେ ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୁପା ପିଙ୍ଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏଥିପୂର୍ବରୁ ନୂତନ ବିଗ୍ରହଙ୍କୁ ଗୋପନ ସେବାରେ ରକ୍ତ ବସ୍ତ୍ର ଆବରଣ କରାଯାଇଥିଲା। ସେହିପରି ପ୍ରଥମ ଭୋଗ ମଣ୍ଡପ ସମ୍ପନ୍ନ ପରେ ଦତ୍ତ ମହାପାତ୍ରଙ୍କ ଘରକୁ ଘଣ୍ଟ, ଛତା, କାହାଳୀ ବାଜା ଯାଇଥିଲା। ଦତ୍ତ ମହାପାତ୍ରଙ୍କ ଘରୁ ଖଡ଼ି ପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରିବା ପରେ ନୀତି ସମ୍ପନ୍ନ ହୋଇଥିଲା। ସୋମବାର ଚତୁର୍ଦ୍ଦଶୀରେ ଶ୍ରୀମନ୍ଦିରରୁ ଖଡ଼ି ପ୍ରସାଦକୁ ଦଇତାପତି ଏବଂ ପତି ମହାପାତ୍ରମାନେ ରାଜନଅରକୁ ବିଜେ କରାଇବେ।

## ରଥ ନିର୍ମାଣରେ ନିୟୋଜିତ ସେବକଙ୍କୁ ସମ୍ବର୍ଦ୍ଧନା



ପୁରୀ ଅଫିସ ୨୬।୬: ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣରେ ନିୟୋଜିତ ଥିବା ବିଶ୍ୱକର୍ମା, ଭୋଇ, ରୂପକାର, ଓଝା, ଦରଜି ଏବଂ ଚିତ୍ରକାର ସେବକଙ୍କୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ରବିବାର ରଥଖଳା ନିକଟରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଗତ ଦୁଇବର୍ଷ ଧରି କରୋନା ମହାମାରୀ ସମୟରେ ରଥ ନିର୍ମାଣରେ ନିୟୋଜିତ ସମସ୍ତ ସେବାୟତ ନିଜ ଜୀବନକୁ ପାଣି ଛଡ଼ାଇ କିଛିମାସ ଧରି ନିଜ ଘରଦ୍ୱାର ଛାଡ଼ି ଯାତ୍ରୀନିବାସରେ ରହି ପରମ୍ପରାକୁ ବଜାୟ ରଖି ତିନିରଥ ନିର୍ମାଣ କରିଥିବାରୁ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇପାରିଥିଲା। ଚଳିତବର୍ଷ ମଧ୍ୟ ସେବକମାନେ ରଥ ନିର୍ମାଣରେ ଲାଗିଛନ୍ତି। ରବିବାର ତିନିରଥର ମୁଖ୍ୟ ବିଶ୍ୱକର୍ମା ସେବକ ଓ ଭୋଇ ସେବକଙ୍କ ପାଦଧୋଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରଥ ନିର୍ମାଣରେ ନିୟୋଜିତ ଅନ୍ୟ ସମସ୍ତ ସେବଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ରଥ ନିର୍ମାଣକାରୀଙ୍କୁ କେନ୍ଦ୍ର ସରକାର ପଦ୍ମ ପୁରସ୍କାର ପ୍ରଦାନ କରନ୍ତୁ ବୋଲି ପଟ୍ଟନାୟକ ଦାବି କରିଛନ୍ତି।

# ରଥଯାତ୍ରାରେ ଶିଶୁ ବନ୍ଧୁ ସାଜିବ ଏସ୍‌ସିଆର୍‌ପିସି

ପୁରୀ ଅଫିସ, ୨୬।୬:

ଆସନ୍ତା ୨୦୨୫ ସୁଦ୍ଧା ରାଜ୍ୟକୁ ଶିଶୁ ଶ୍ରମିକମୁକ୍ତ କରାଯିବାକୁ ପ୍ରୟାସ ଚାଲିଛି ବୋଲି ରବିବାର ପୁରୀ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏସ୍‌ସିଆର୍‌ପିସି)ର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରତ୍ୟେକ ପିଲାଙ୍କ ସୁରକ୍ଷା ପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଛନ୍ତି। ଆୟୋଗ ଆଗାମୀ ରଥଯାତ୍ରାରେ ଶିଶୁ ବନ୍ଧୁ ଭାବେ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି।

ପ୍ରଧାନ ଆହୁରି କହିଛନ୍ତି, ଶିଶୁଙ୍କ ସୁରକ୍ଷିତ ଭବିଷ୍ୟତ, ଶିକ୍ଷା ଅଧିକାର, ଶିଶୁ ଶ୍ରମିକ ମୁକ୍ତ ରାଜ୍ୟ ଗଠନ ପାଇଁ ଆୟୋଗ ଅନେକ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ଗଞ୍ଜାମ, ସୋନପୁର, ବୌଦ୍ଧ ଓ କନ୍ଧମାଳ ଜିଲାକୁ ବାଲ୍ୟ ବିବାହମୁକ୍ତ ଜିଲା ଭାବେ ଘୋଷଣା କରାଯାଇଛି। ଜିଲାସ୍ତରରେ ଗଠିତ ଶିଶୁ ସୁରକ୍ଷା କମିଟି ନିୟମିତ ବସିବା, ଟାସ୍କ ଫୋର୍ସଗୁଡ଼ିକ ସଶକ୍ତ ଓ ନିରନ୍ତର ଅନୁଧ୍ୟାନ କରିବା, ବିଦ୍ୟାଳୟରେ ଡ୍ରପ ଆଉଟ ସଂଖ୍ୟାକୁ ଶୂନ୍ୟ କରିବା, ଶିଶୁକୁ ହିଂସା ଓ ଶୋଷଣ ମୁକ୍ତ କରିବା ପାଇଁ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପିଲାମାନେ ଯେପରି ସୁରକ୍ଷା ଓ ସୁବିଧାରେ ଚଳିତବର୍ଷ ରଥଯାତ୍ରା ବୁଲିବା ସହ ଠାକୁରଙ୍କ ଦର୍ଶନ କରିପାରିବେ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। ରଥଯାତ୍ରା ସମୟରେ ଶିଶୁ ଚାଲାଣ ରୋକିବା, ଯଦି କେହି ପିଲା ପରିବାରଠାରୁ ଅଲଗା ହୁଅନ୍ତି ତେବେ ତାଙ୍କୁ ଉଦ୍ଧାର ପାଇଁ ପଦକ୍ଷେପ ନେବାକୁ ୨୫ଜଣ ସ୍ୱେଚ୍ଛାସେବୀ ନିୟୋଜନ ବ୍ୟବସ୍ଥା ହୋଇଛି ବୋଲି ଅଧକ୍ଷା କହିଥିଲେ। ବୈଠକରେ ଆୟୋଗ ସଦସ୍ୟା ଦିବ୍ୟା ଶାଶ୍ୱତୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ ରମାଶଙ୍କର ପାତ୍ର ଏବଂ ଶକ୍ତିପାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଜଣାଇଥିଲେ। ପୂର୍ବରୁ ଅଧକ୍ଷା ପ୍ରଧାନ ଉତ୍କଳ ବାଳାଶ୍ରମ ପରିଦର୍ଶନ ସହ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ଭୋଳାନାଥ ସ୍କୁଲରେ ସଚେତନତା ଷ୍ଟଲ ଖୋଲାଯିବ। ସେଥିରେ ଶିଶୁ ସୁରକ୍ଷା ଉପରେ ଆଲୋଚନା ଏବଂ ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦିଆଯାଇଛି।

# ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକୁ ଗୁରୁତ୍ୱ


ବୈଠକରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନଓ୍ୱର ବିଶାଲ ସିଂ ଏବଂ ଅନ୍ୟମାନେ।

## ସୁରକ୍ଷିତ, ଶୃଙ୍ଖଳିତ ରଥଯାତ୍ରା ପାଇଁ ମକ୍‌ଡ୍ରିଲ୍

ପୁରୀ ଅଫିସ,୨୬।୬

ସୁରକ୍ଷିତ ଓ ଶୃଙ୍ଖଳିତ ରଥଯାତ୍ରା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍ କରାଯାଉଛି। ରଥଯାତ୍ରାକୁ ଆଉ ୪ଦିନ ବାକି ଥିବାବେଳେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ନେଇ ପୁରୀ ଜିଲାପାଳ ସମର୍ଥ ବର୍ମା ତଦାରଖ କରୁଛନ୍ତି। ରବିବାର ବଡ଼ଦାଣ୍ଡରେ ଏନ୍‌ଡିଆର୍‌ଏଫ୍ ଟିମ୍ ମକ୍‌ଡ୍ରିଲ୍ କରିଛି। ଗହଳି ଭିତରେ କିଭଳି ଜରୁରିକାଳୀନ ସେବା ଯୋଗାଇଦିଆଯିବ ଓ ଆମ୍ବୁଲାନ୍ସ ପାଇଁ ରାସ୍ତା ଖାଲି କରାଯିବ ସେ ନେଇ ମକ୍‌ଡ୍ରିଲ୍ ହୋଇଛି। ପୁରୀ ପୋଲିସ, ସୁରକ୍ଷା କର୍ମଚାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ମଧ ମକ୍‌ଡ୍ରିଲ୍ କରିଛନ୍ତି। ବିଶେଷ ଜରୁରିକାଳୀନ ସ୍ଥିତିରେ ପୋଲିସ, ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବିଭାଗ ମଧ୍ୟରେ ସମନ୍ୱୟ ରହିବା ଏକାନ୍ତ ଜରୁରୀ। ମକ୍‌ଡ୍ରିଲ୍ ମାଧମରେ ତାହାକୁ ସୁନିଶ୍ଚିତ କରାଯାଉଛି ବୋଲି ଏସ୍‌ପି କନଓ୍ୱର ବିଶାଲ ସିଂ କହିଛନ୍ତି। ରଥଯାତ୍ରା ଏସ୍‌ଓପିର ସଫଳ ରୂପାୟନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ, ମେଡିକାଲ, ପୋଲିସ, ପରିବହନ, ଆମ୍ବୁଲାନ୍ସ ଏବଂ ପୂର୍ତ୍ତ ବିଭାଗ ସମେତ ପୌର ପ୍ରଶାସନ ପକ୍ଷରୁ ସମ୍ମିଳିତ ମକ୍‌ଡ୍ରିଲ୍‌କୁ ଇଣ୍ଟିଗ୍ରେଟେଡ୍ ନିୟନ୍ତ୍ରିତ କକ୍ଷ ସହାୟତାରେ ପରିଚାଳିତ କରାଯାଇଥିଲା। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଅଧକ୍ଷତା କରି ବିଭାଗୀୟ ଅଧିକାରୀମାନଙ୍କୁ ରଥଯାତ୍ରାରେ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଛନ୍ତି। ବିଭାଗୀୟ ଅଧିକାରୀମାନେ ନିଜ ପ୍ରସ୍ତୁତି ନେଇ ମକ୍‌ଡ୍ରିଲ୍ କରିଥିଲେ। ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ର ମକ୍‌ଡ୍ରିଲ୍ ସମ୍ପର୍କରେ ଅଧିକ ସୂଚନା ଦେବା ସହ ଏହା ରଥଯାତ୍ରା ପରିଚାଳନାକୁ ସୁଦୃଢ଼ କରିବ ବୋଲି କହିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଏସ୍‌ପି ମିହିର ପଣ୍ଡା, ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରଥଯାତ୍ରା ଏସ୍‌ଓପି ପୁସ୍ତିକାକୁ ଜିଲାପାଳ ବର୍ମା ଉନ୍ମୋଚନ କରିଥିଲେ।

## ସଂକ୍ଷେପରେ

### ‘ଧର୍ମ ମଧ୍ୟରେ ସୁସମନ୍ୱୟ ରକ୍ଷିବା ମଣିଷର କର୍ତ୍ତବ୍ୟ’

**ବସୁଧୈବ କୁଟୁମ୍ବକମ୍ ମିଶନର ୭୪ତମ ଅଧିବେଶନ**

**କଟକ ଅଫିସ, ୨୬।୬:** ବସୁଧୈବ କୁଟୁମ୍ବକମ୍ ମିଶନର ୭୪ତମ ଅଧିବେଶନ କଟକସ୍ଥିତ ଏକ ହସ୍ପିଟାଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆମେରିକାର ସନ୍ଥ ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀ ଏହାକୁ ଉଦ୍‌ଘାଟନ କରି ସମସ୍ତ ଧର୍ମ ମଧ୍ୟରେ ସୁସମନ୍ୱୟ ରକ୍ଷା କରିବା ମଣିଷର ପରମ କର୍ତ୍ତବ୍ୟ ବୋଲି କହିଥିଲେ। ମିଶନର ପ୍ରତିଷ୍ଠାତା ସଭାପତି ଭାଗୀରଥି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ବୈଷ୍ଣବ ସାମଲ ଯୋଗଦେଇ ବସୁଧୈବ କୁଟୁମ୍ବକମ୍ ମିଶନ ମାଧ୍ୟମରେ ଧର୍ମ-ଧର୍ମ ମଧ୍ୟରେ ସୁସମ୍ପର୍କ ଆଣିବାକୁ ପରାମର୍ଶ ଦେଇଥିଲେ। ସେହିପରି ମୁସ୍‌ଲିମ୍ ମହିଳା ଉନ୍ନୟନ ପରିଷଦର ରାଜ୍ୟ ସମ୍ପାଦିକା ହସିନା ପରୱିନ୍ ସମସ୍ତ ଧର୍ମ ମଧ୍ୟରେ ସଂହତି ଆଣିବା ପାଇଁ ମତ ଦେଇଥିଲେ। କବୟିତ୍ରୀ କୁନଲତା ତ୍ରିପାଠୀ ମନ୍ତ୍ର ପାଠ ଓ ମିଶନର ସାଧାରଣ ସମ୍ପାଦକ ପ୍ରକାଶ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ନିଶିକାନ୍ତ ମିଶ୍ର, ପରିତୋଷ ଦାସ, ଡା. ଏ. କେ. ମିଶ୍ର, ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ମହାନ୍ତି, ପ୍ରଧାନ ଶିକ୍ଷକ ମହେନ୍ଦ୍ର କାୟସ୍ଥ, ବୀରବର ବାରିକ, ଆଲୋକ ରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ପରିବେଶ ସଚେତନତା, ଚାରା ରୋପଣ କାର୍ଯ୍ୟକ୍ରମ

**ବାଙ୍କୀ,୨୬।୬(ସ୍ୱ.ପ୍ର.):** ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଚାଲିଥିବା ସପ୍ତଦିବସୀୟ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ତାଲିମ ଶିବିରର ଷଷ୍ଠ ଦିବସରେ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୁବ ସାମାଜିକକର୍ମୀ ଅକ୍ଷୟ କୁମାର ସାମଲ, ସମ୍ମାନିତ ଅତିଥିଭାବେ ପରିବେଶ ସୁରକ୍ଷା ସମିତି ଆବାହକ ଦୀପକ କୁମାର ସାମନ୍ତରା, ଡମପଡ଼ା ଡିଭିଜନ ଫରେଷ୍ଟର ରାଜେଶ କୁମାର ସେଠୀ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଚିତ୍ତରଞ୍ଜନ ରଣା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଅଧାପକ ତାପସ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବୃକ୍ଷ ହିଁ ମଣିଷର ପ୍ରକୃତ ବନ୍ଧୁ, ଏହାଦ୍ୱାରା ଅନେକ ଲାଭ ମାନବ ଜାତି ପାଇଥାଏ। ‘ଗଛଟିଏ ଭାଇ ଗଛଟିଏ -ସାରା ଜଗତର ସାଥୀ ସିଏ’ ଏହି ନାରାକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ସହ ସଭିଏଁ ୫ଟି ଲେଖାଏ ଚାରା ରୋପଣ କରିବାକୁ ଅଧକ୍ଷ ରଣା ଆହ୍ୱାନ ଦେଇଥିଲେ। ଏହି ଅବସରରେ ଇନ୍ଦୁମତୀ ପାଟଣାସ୍ଥିତ ଇଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ଫଳ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ସ୍ମୃତି ସନ୍ଧ୍ୟାଦାସ, ସ୍ମୃତି ପ୍ରଜ୍ଞା ମହାପାତ୍ର, ସତ୍ୟପ୍ରକାଶ ଖଟୁଆ, ନରେଶ କୁମାର ମହାନ୍ତି, ଲିନା ଲେଙ୍କା, ରାଜେଶ କୁମାର ମହାପାତ୍ର, ତ୍ରୈଲୋକ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ଇନ୍ଦୁମତୀ ପାଟଣାସ୍ଥିତ ବୃଦ୍ଧାଶ୍ରମ କେନ୍ଦ୍ରରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଫଳକରେ ସୀମିତ ବସ୍‌ଷ୍ଟାଣ୍ଡ ନିର୍ମାଣ

**ବାଙ୍କୀ,୨୬।୬(ସ୍ୱ.ପ୍ର.)**

- ୮ ବର୍ଷ ପୂର୍ବେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ
- ରାସ୍ତା ଉପରେ ରହୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ହେଉଛି
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ




ବାଙ୍କୀରେ ବସଷ୍ଟାଣ୍ଡ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଗୋଟିଏ ଆଧୁନିକ ବସଷ୍ଟାଣ୍ଡ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୪ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ବାଙ୍କୀ ଏନ୍‌ଏସି ପକ୍ଷରୁ ଶିଶୁଆଠାରେ ଜାଗା ଚିହ୍ନଟ କରାଯାଇଥିଲା। ଇତିମଧ୍ୟରେ ପ୍ରାୟ ୮ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହାର କାର୍ଯ୍ୟ ଆରମ୍ଭ କରାଯାଇ ନାହିଁ। ବସଷ୍ଟାଣ୍ଡ ନିର୍ମାଣ କେବଳ ଫଳକରେ ସୀମିତ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ବସ୍‌ଷ୍ଟାଣ୍ଡ ନ ଥିବାରୁ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରି କେଉଁଠି ଦୋକାନ ସମ୍ମୁଖରେ ତ ଆଉ କେଉଁଠି ରାସ୍ତାକଡରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ବସ୍‌ଗୁଡିକ ଟାଉନର ମୁଖ୍ୟ ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ରହୁଥିବାରୁ ରାସ୍ତା ଭିଡ ହୋଇ ବିଭିନ୍ନ ପ୍ରକାର ଦୁର୍ଘଟଣା ଘଟୁଛି। ଫଳରେ ଯାତ୍ରୀମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ବସ୍‌ଷ୍ଟାଣ୍ଡ ନ ଥିବା ଯୋଗୁ ବସ୍‌ଗୁଡିକୁ ରାସ୍ତା ଉପରେ ରଖିବାକୁ ବାଧ ହେଉଛୁ ବୋଲି ବସ ମାଲିକମାନେ ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବା ଯୋଗୁ ଗାଡିମାଲିକମାନେ ବ୍ୟାପକ କ୍ଷତି ସହୁଛନ୍ତି ବୋଲି ଘରୋଇ ବସ ମାଲିକ ସଂଘର ସଭାପତି ଗୋପୀନାଥ ବେହେରା ପ୍ରକାଶ କରିଛନ୍ତି । ତୁରନ୍ତ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କଲେ ଯାତ୍ରୀମାନେ ଉପକୃତ ହେବେ ବୋଲି ସାଧାରଣରେ ଦାବି କରାଯାଇଛି । ଏ ସମ୍ପର୍କରେ ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ କହିଛନ୍ତି, ବସଷ୍ଟାଣ୍ଡ ପାଇଁ ଶିଶୁଆଠାରେ ନିରୂପିତ ସ୍ଥାନରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ।

# ସମବାୟ ସମିତି ନିର୍ବାଚନ ଫଳାଫଳ ପ୍ରକାଶିତ

**ସାଲେପୁର/ କଣ୍ଟାପଡା, ୨୬।୬(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଣାହାଟ ସେବା ସମବାୟ ସମିତିର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସମିତିର ୧୫ ଜୋନ୍ ମଧ୍ୟରୁ ୪ନମ୍ବରକୁ ଛାଡିଦେଲେ ଅନ୍ୟ ୧୪ଟି ଜୋନ୍ ପାଇଁ ନିର୍ବାଚନ ହୋଇଥିଲା। ସେଥିରୁ ୨ଟି ଜୋନ ବ୍ୟତୀତ ଅନ୍ୟ ସମସ୍ତ ଜୋନରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୁରୁଣାହାଟ କୃଷି ସମବାୟ ସମିତିର ୩ନଂ ଓ ୧୧ନଂ ଜୋନ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୩ନଂ.ଜୋନରେ ବିଜେଡି ସମର୍ଥିତ ଉମ ସାହୁ ବିଜୟୀ ହୋଇଥିଲେ। ସେହିପରି ୧୧ନଂ ଜୋନ୍‌ରେ ଦୀପ୍ତିକାନ୍ତ ଭୂୟାଁ ବିଜୟୀ ହୋଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ପ୍ରାର୍ଥୀମାନେ ହେଲେ ୧ନଂ ଜୋନ୍ ଚିରଞ୍ଜନ ପୁହାଣ, ୨ନଂ.ରେ ଅକ୍ଷୟ ସ୍ୱାଇଁ, ୫ନଂ.ରାଜକିଶୋର ମାହାଳୀ, ୬ନଂ ସୁବୋଧ ରାଉତରାୟ, ୭ନଂ ପ୍ରଭୁଚରଣ ମହାନ୍ତି, ୮ନଂ.ଆଲୋକ ମହାନ୍ତି, ୯ନଂ.ଗଗନ ବିହାରୀ ମହାପାତ୍ର, ୧୦ନଂ.ପ୍ରତାପ ଚନ୍ଦ୍ର ଲେଙ୍କା, ୧୨ନଂ ଭାବଗ୍ରାହୀ ଖୁଣ୍ଟିଆ, ୧୩ନଂ.ଗିରିଶ ଚନ୍ଦ୍ର ସ୍ୱାଇଁ, ୧୪ନଂ. ଅରୁଣ ସାମଲ ଏବଂ ୧୫ନଂ ଜୋନ୍‌ର ସ୍ୱର୍ଣ୍ଣପ୍ରଭା ଦାସ।

ସେହିପରି ଶିଶୁଆ ସେବା ସମବାୟ ସମିତିର ୧୩ଟି ଜୋନ୍ ମଧ୍ୟରୁ ୧୦ଟିରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ୩ଟିରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ଏଥିରେ ଅଶୋକ କୁମାର ପ୍ରତାପ, ଚିରଞ୍ଜନ ରାଉତରାୟ, ଲକ୍ଷ୍ମୀଧର ସେଠୀ, ନାରାୟଣ ସାହୁ, ସଞ୍ଜୟ କୁମାର ପଣ୍ଡା, ଅକ୍ଷୟ କୁମାର ପୃଷ୍ଟି, ଲକ୍ଷ୍ମୀଧର ସାହୁ, ମନୋଜ କୁମାର ଦାଶ, ରଞ୍ଜନ କୁମାର ଦାଶ, ପାର୍ବତୀ ପାତ୍ର, ପ୍ରତିଦ୍ୱନ୍ଦ୍ୱିତା କରି ନିର୍ବାଚିତ ହୋଇଥିବାବେଳେ ସଞ୍ଜୀବ ସାହୁ, ସୁନୀଲ କୁମାର ମଲ୍ଲ ଓ ବିଳାସ ଚନ୍ଦ୍ର ଦଳେଇ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

କଣ୍ଟାପଡା ବ୍ଲକ ଅଧୀନ ୭ଟି ସେବା ସମବାୟ ସମିତି ମଧ୍ୟରୁ ତିନୋଟିର ନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ସେଥିମଧ୍ୟରୁ ଗୋବିନ୍ଦପୁର ଓ ଅତଶପୁର ସେବା ସମବାୟ ସମିତି ବିଜେଡି ହାତକୁ ଯାଇଥିବାବେଳେ କଣ୍ଟାପଡା ସେବା ସମବାୟ ସମିତି ଭାଜପା ହାତକୁ ଯାଇଛି। ଗୋବିନ୍ଦପୁର ସେବା ସମବାୟ ସମିତିର ୧୪ଟି ଜୋନ୍ ମଧ୍ୟରୁ ୯ଟିରେ ବିଜେଡି ଓ ଦୁଇଟିରେ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ରବିବାର ତିନୋଟି ଜୋନ୍‌ରେ ଅନୁଷ୍ଠିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିପରି କଣ୍ଟାପଡା ସେବା ସମବାୟ ସମିତିର ୧୫ଟି ଜୋନ୍ ମଧ୍ୟରୁ ଗୋଟିକରେ କଂଗ୍ରେସ ପ୍ରାର୍ଥୀ ଜିତିଛନ୍ତି। ଏଠାରେ ବିଜେଡି ଖାତା ଖୋଲିପାରିନାହିଁ। ଏହି ସେବା ସମବାୟ ସମିତିର ୩ଟି ଜୋନ୍‌ରେ ଭାଜପା ସମର୍ଥିତ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବାବେଳେ ରବିବାର ୧୨ଟି ଜୋନ୍‌ରେ ଅନୁଷ୍ଠିତ ନିର୍ବାଚନରେ ଭାଜପା ୧୧ ଓ କଂଗ୍ରେସ ଗୋଟିଏ ସିଟ୍‌ରେ ଜିତିଛି। ସେହିପରି ଅତଶପୁର ସେବା ସମବାୟ ସମିତିର ୧୫ଟି ଜୋନ୍ ମଧ୍ୟରୁ ୯ଟିରେ ବିଜେଡି, ୪ଟିରେ ଭାଜପା ଓ ନିର୍ଦ୍ଦଳୀୟ ପ୍ରାର୍ଥି ଭାବେ ୨ଜଣ ନିର୍ବାଚିତ ହେଇଛନ୍ତି। କଟକ ଜିଲ୍ଲା ଏସ୍‌ଆର୍‌ସିଏସ୍ ତପନ କୁମାର ଦାସ ଓ ଚିତ୍ତରଞ୍ଜନ ମହାପାତ୍ର ନିର୍ବାଚନ ପରିଚାଳନା କରିଥିଲେ।

# ବେଆଇନ ନିଶା କାରବାର ରୋକିବାକୁ ଗୁରୁତ୍ୱ




କଟକସ୍ଥିତ ଜୁଡିସିଆଲ ଏକାଡେମୀଠାରୁ ବାହାରିଥିବା ସଚେତନତା ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର।

**କଟକ ଅଫିସ, ୨୬।୬**

କଟକ ଜିଲା ପ୍ରଶାସନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟ ଏବଂ ଅବକାରୀ କାର୍ଯ୍ୟାଳୟର ସହାୟତାରେ ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ବେଆଇନ କାରବାର ନିରୋଧ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଜୁଡିସିଆଲ ଏକାଡେମୀଠାରୁ ବାହାରି ଚାନ୍ଦିନୀଚୌକ, ହାଇକୋର୍ଟ ଛକ ଦେଇ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ଅନୁଷ୍ଠିତ କର୍ମଶାଳାରେ ଅତିରିକ୍ତ ଜିଲାପାଳ ଖଣ୍ଡାୟତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶା କାରବାର, ବ୍ୟବହାରର ପରିଣାମ, ଏହା ବିରୋଧରେ ସ୍ୱର ଉତ୍ତୋଳନ, ଅବୈଧ ନିଶା କାରବାର ପ୍ରତିରୋଧ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଉଦ୍ଦେଶ୍ୟରେ ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବକାରୀ ଉପଆୟୁକ୍ତ ଦିବ୍ୟଲୋଚନ ମହନ୍ତ, ଅବକାରୀ ଅଧିକ୍ଷକ ରଜତ କୁମାର ପ୍ରହରାଜ, ଏସିପି ତାପସ କୁମାର ପ୍ରଧାନ, ଡା. ଅଭିଷେକ ପଟ୍ଟନାୟକ, ରେଭେନ୍‌ଶା କଲିଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନୁସ୍ମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

### ‘ନିଶା ଶାରୀରିକ, ମାନସିକ ବିକାଶରେ ପ୍ରଭାବ ପକାଉଛି’

**ବାଙ୍କୀ,୨୬।୬(ସ୍ୱ.ପ୍ର.)**

ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ନିରୋଧ, ଅବୈଧ ଚାଲାଣ ବିରୋଧ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜଗଦୀଶ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ନିଶା ମଣିଷର ଶାରୀରିକ ଓ ମାନସିକ ବିକାଶରେ ପ୍ରଭାବ ପକାଉଛି। ଏହାକୁ ସେବନ କଲେ କର୍କଟ ଓ ଅନ୍ୟାନ୍ୟ ଭୟଙ୍କର ରୋଗ ହେଉଛି। ଏହାକୁ ସେବନ ନ କରିବା ପାଇଁ ସେ ବୁଝାଇବା ସହ ବାଳକ ବାଳିକାଙ୍କ ଅବୈଧ ଚାଲାଣ ନ କରିବାକୁ ଅନୁରୋଧ କରିଥିଲେ। ବାଙ୍କୀ ଅବକାରୀ ବିଭାଗ ଅଧୀକ୍ଷକ ତେଲେସ୍ଫର ଲାକ୍ରା ଏହାକୁ ପରିଚାଳନା କରିବା ସହ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରିଥିଲେ। ଏହି ଶୋଭାଯାତ୍ରା ବାଙ୍କୀ ସହର ପରିକ୍ରମା କରିଥିଲା। ଏଥିସହ ଉପଜିଲାପାଳ ଓ ବ୍ଲକ କାର୍ଯ୍ୟାଳୟରେ ଏକ ସାଧାରଣ ସଭା କରାଯାଇଥିଲା। ଏଥିରେ ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇ ନିଶା ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ ଅବକାରୀ ବିଭାଗ କର୍ମଚାରୀ ଦୀପକ ସାମଲ, ପୂର୍ଣ୍ଣେଶ୍ୱର ମାଝୀ, ସଞ୍ଜୟ ରାଉତ, ଶଙ୍କର ସିଂହ, ଗୀତାଞ୍ଜଳି ବେହେରା ସହଯୋଗ କରିଥିଲେ।

# ‘ରାଜବନ୍ଦୀଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଉଚିତ୍’

**କଟକ ଅଫିସ, ୨୬।୬**



ସମାବେଶରେ ବିଧାୟକ, ପୂର୍ବତନ ଏମ୍‌ପିଙ୍କ ସହ ଅନ୍ୟମାନେ।

ଜରୁରୀ ପରିସ୍ଥିତି ସମୟର ରାଜବନ୍ଦୀମାନଙ୍କ ସମାବେଶ ଏବଂ ଦ୍ୱିତିୟ ସ୍ୱାଧିନତା ସଂଗ୍ରାମ ସ୍ମାରକ ଦିବସ କଟକ ଟାଉନ୍ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ଜରୁରୀ ପରିସ୍ଥିତି ସମୟରେ ସଂଗ୍ରାମ କରି ଜେଲ୍ ଯାଇଥିବା ରାଜବନ୍ଦୀମାନଙ୍କ ପ୍ରଶଂସା କରିଥିଲେ। ଉକ୍ତ ରାଜବନ୍ଦୀମାନଙ୍କ ଆନ୍ଦୋଳନ ଯୋଗୁ ପରବର୍ତ୍ତୀ ସମୟରେ ଦେଶରେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇପାରିଥିଲା। ଏପରି କି ବିଭିନ୍ନ ଛାତ୍ରନେତା, ଯୁବନେତା ସୃଷ୍ଟି ହୋଇଥିଲେ। ଏଣୁ ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଦରକାର ବୋଲି ବେହେରା କହିଥିଲେ। ବିମ୍ବାଧର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଥିଲେ, ରାଜବନ୍ଦୀମାନଙ୍କ ନିମନ୍ତେ ସରକାରୀ ସ୍ତରରେ ଯଦି କୌଣସି ବ୍ୟବସ୍ଥା କରାଯାଇପାରୁ ନାହିଁ ତେବେ ବିଭିନ୍ନ ସଂଗଠନ, ଟ୍ରଷ୍ଟ ମାଧ୍ୟମରେ ସେମାନଙ୍କ ପାଇଁ ଉଦ୍ୟମ କରାଯିବା ଦରକାର। ଏଥିସହ ସେ ସମୟରେ ଏକ ପୁସ୍ତକ ପ୍ରକାଶନ କରାଯିବା ସହ ରାଜବନ୍ଦୀମାନଙ୍କ ପାଇଁ ପାଣ୍ଠି ଗଠନ କରାଯିବା ଆବଶ୍ୟକ ବୋଲି ଶତପଥୀ କହିଥିଲେ। ଉକ୍ତ ସମାବେଶରେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ଶ୍ରୀଧର ଦାଶ, ପୂର୍ବତନ ଛାତ୍ରନେତା ବିଜୟ କୁମାର ରାଉତରାୟ, ରାଜେନ୍ଦ୍ର ସିଂ, ସୁଶୀଲ କୁମାର ପଣ୍ଡା, ରାମେଶ୍ୱର ପୁରୋହିତ, ରାମ ରତନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ସୋଲାର ପାନୀୟ ଜଳ ପ୍ରକଳ୍ପ ଟାଙ୍କି ସ୍ଥାପନ

**ବାଙ୍କୀ,୨୬।୬(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ରତାଗଡ଼(ଗୋବିନ୍ଦପୁର) ପଞ୍ଚାୟତସ୍ଥିତ ରତାଗଡ଼ ଗ୍ରାମ ନିକଟ ସେବା ସମବାୟ ସମିତି କାର୍ଯ୍ୟାଳୟ ନିକଟରେ ରବିବାର ସୋଲାର ପାନୀୟ ଜଳ ପ୍ରକଳ୍ପ ଟାଙ୍କୀ ସ୍ଥାପନ କରାଯାଇଛି । ପଞ୍ଚାୟତ ତରଫରୁ କରାଯାଇଥିବା ଏହି ପ୍ରକଳ୍ପକୁ ପୂର୍ବତନ ଜିଲା ପରିଷଦ ସଭ୍ୟ ମାନସ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଯୋଗୁ ସ୍ଥାନୀୟ ଲୋକେ ସୁବିଧାରେ ପାନୀୟ ଜଳ ପାଇପାରିବେ ବୋଲି ମହାପାତ୍ର ପ୍ରକାଶ କରିଛନ୍ତି।

# ପ୍ରଶାସନ ଦୃଷ୍ଟି ଦେଲାନି, ରାସ୍ତା ମରାମତି କଲେ ଯୁବଗୋଷ୍ଠୀ



ଇଚ୍ଛାପୁର ଗ୍ରାମର ଯୁବଗୋଷ୍ଠୀ ରାସ୍ତା ମରାମତି କରୁଛନ୍ତି।

**କଣ୍ଟାପଡା, ୨୬।୬(ଡି.ଏନ୍.ଏ.)**

ଫୁଲନଖରା-ନିଆଳି ରାଜ୍ୟ ରାଜପଥର ଇଚ୍ଛାପୁର ପେଟ୍ରୋଲ ଟାଙ୍କି ନିକଟରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିଲା। ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଗଲାନାହିଁ। ଫଳରେ ରବିବାର ଇଚ୍ଛାପୁର ଗ୍ରାମର କେତେଜଣ ଯୁବକ ଏହି ରାସ୍ତାକୁ ମରାମତି କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ୬୦ ନଂ. ରାଜ୍ୟ ରାଜପଥର ଇଚ୍ଛାପୁର-ଗୁପ୍ତମାଣିକା ମଧ୍ୟସ୍ଥଳରେ ଥିବା ରାସ୍ତାର ଏହି ସ୍ଥାନରୁ ପିଚୁ ଉଠିଯାଇ ଖାଲ ସୃଷ୍ଟି ହୋଇଛି। ରାସ୍ତାର ଉକ୍ତ ସ୍ଥାନରେ ମୋଡଥିବାରୁ ଦ୍ରୁତଗତିରେ ଆସୁଥିବା ଗାଡିଚାଳକମାନେ ଭାରସାମ୍ୟ ହରାଇ ଅନେକ ସମୟରେ ଦୁର୍ଘଟଣା ସମ୍ମୁଖିନ ହେଉଛନ୍ତି। ପୂର୍ବରୁ ମରାମତି ହୋଇଥିବା ରାସ୍ତାର ଅବଧି ଶେଷ ହୋଇ ନ ଥିବାବେଳେ ସମ୍ପୃକ୍ତ ଠିକାଦାର ଏଥିପ୍ରତି ଆଖିବୁଜି ଦେଇଛନ୍ତି। ବର୍ଷାଯୋଗୁ ଉକ୍ତ ଖାଲରେ ପାଣି ଜମା ହୋଇଯାଉଥିବାରୁ ପରିସ୍ଥିତି ସଙ୍ଗୀନ ହୋଇପଡୁଛି। ଏପରି ଅବସ୍ଥାରେ ଇଚ୍ଛାପୁର ଗ୍ରାମର ଗିରିଧାରୀ ସାହୁ, ସୁମନ୍ତ ପ୍ରଧାନ, ବିଶ୍ୱଜିତ୍ ସିଂହ, ଲକି ବେହେରା, ବାଦଲ ସିଂହ, ରାମଚନ୍ଦ୍ର ମହାରଣା, ପ୍ରିୟ ବେହେରା, ସୂର୍ଯ୍ୟକାନ୍ତ ଗାଇଆ, ତାରାପ୍ରସାଦ ସିଂହ ଓ ଦୀପ୍ତିରଞ୍ଜନ ବେହେରା ପ୍ରମୁଖ ରବିବାର ସକାଳେ ଇଟା ଓ ଗୋଡି ଆଣି ମରାମତି କରିଥିଲେ। ଯୁବକମାନଙ୍କର ଏଭଳି କାର୍ଯ୍ୟକୁ ପଥଚାରୀମାନେ ପ୍ରଶଂସା କରିଥିଲେ।

# ୧୫୦ ଗ୍ରାମ୍ ଅଳଙ୍କାର ଜବତ, ୩ ଗିରଫ

**ମଙ୍ଗୁଳି, ୨୬।୬(ଡି.ଏନ୍.ଏ.)**

**ତ୍ରିନାଥସାହି ଚୋରି ଘଟଣା**

- ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଗଲା

ଜଗତ୍‌ପୁର ଥାନା ଅଧୀନ ତ୍ରିନାଥ ସାହି ଅଞ୍ଚଳରୁ ଚୋରି ଘଟଣାରେ ପୋଲିସ ୪ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ପୁର ଥାନା ଅଧୀନ ତ୍ରିନାଥ ସାହିର ମୁଖ୍ୟ ଅଭିଯୁକ୍ତ ଚିନ୍ମୟ ଧଳ(୨୦), ବିକ୍ରମ ପାଶୱାନ(୨୦) ଓ ବିଡାନାସୀ ଥାନା ଅନ୍ତର୍ଗତ କୃଷକ ବଜାର ଅଞ୍ଚଳର ସୁବାସ ସେନ(୨୪)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇ ଦିଆଯାଇଛି। ଏଥିସହ ସେମାନଙ୍କଠାରୁ ୫୫ ହଜାର ଟଙ୍କାର ରାଶନ ସାମଗ୍ରୀ, ୪ଟି ମୋବାଇଲ ଫୋନ ଓ ୧୫୦ ଗ୍ରାମ ଓଜନର ରୁପା ଅଳଙ୍କାର ଜବତ କରାଯାଇଛି।

ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ କହିବାନୁଯାୟୀ, ଅସହ୍ୟ ଗୁଳୁଗୁଳି ଯୋଗୁ ଗତ ୨୩ ତାରିଖ ରାତିରେ ତ୍ରିନାଥ ସାହି ଅଞ୍ଚଳର ରୀନା ପାଶୱାନ ନାମ୍ନୀ ମହିଳାଙ୍କ ପରିବାର ଲୋକେ କବାଟ ଖୋଲାକରି ଶୋଇଥିଲେ। ଏହାର ସୁଯୋଗ ନେଇ ୪ ଜଣ ଦୁର୍ବୃତ୍ତ ତାଙ୍କ ଘରୁ କିଛି ଅଳଙ୍କାର ଓ ଗୋଟିଏ ମୋବାଇଲ ଫୋନ୍ ନେଇଥିଲେ। ପରିବାର ଲୋକେ ଉଠିପଡିବାରୁ ସେମାନେ ପାଚେରି ଡେଇଁ ପଳାଇ ଯାଇଥିଲେ। ଏ ନେଇ ରୀନା ୨୪ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୫୬/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରୀନାଙ୍କ ମୋବାଇଲ ଫୋନ୍ ଟ୍ରାକ୍ କରିବା ପରେ ପୋଲିସ ତ୍ରିନାଥ ସାହି ବସ୍ତିରେ ଚଢଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ପରେ ସେମାନଙ୍କ ନିକଟରୁ ଅନ୍ୟ ଲୁଟ୍ ସାମଗ୍ରୀ ଜବତ କରିଥିଲା। ଅଭିଯୁକ୍ତମାନେ ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ମେହେର କହିଛନ୍ତି।



ଜବତ ଅଳଙ୍କାର ଓ ମୋବାଇଲ।

# ‘ଅନ୍ୟ ପାଇଁ ବଞ୍ଚିବା ଜୀବନରେ ପୂର୍ଣ୍ଣତା ଆଣିଦିଏ’

**କଟକ ଅଫିସ, ୨୬।୬**

**ରେଜ୍ ଫାଉଣ୍ଡେସନର ପ୍ରଥମ ବାର୍ଷିକ ଉତ୍ସବ**




ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବୃନ୍ଦ।

କଟକର ଅଗ୍ରଣୀ ସାମାଜିକ ସଂଗଠନ ରେଜ୍ ଫାଉଣ୍ଡେସନ୍‌ର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ସହୀଦ୍ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆକାଶ-ବାଇଜୁର ନିର୍ଦ୍ଦେଶକ ଡ. ଅଜୟ ବାହାଦୁର ସିଂହ ଯୋଗଦେଇ ଅନ୍ୟ ପାଇଁ ବଞ୍ଚିବା ଜୀବନରେ ପୂର୍ଣ୍ଣତା ଆଣିଦିଏ ବୋଲି କହିଥିଲେ। ସେହିପରି ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ମାତୃପ୍ରସାଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସମାଜର ଶ୍ରେଷ୍ଠ ପ୍ରାଣୀ ଭାବେ ଆମେ ବଞ୍ଚିବା ସହ ଅନ୍ୟକୁ ବଞ୍ଚାଇବାର ପ୍ରୟାସ ବାସ୍ତବରେ ସ୍ୱାଗତଯୋଗ୍ୟ। ରେଜ୍ ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ତଥା ଯୁବ ଶିଳ୍ପୋଦ୍ୟୋଗୀ ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ସାହିତ୍ୟ ଏକାଡେମୀର ସମ୍ପାଦକ ପ୍ରବୋଧ କୁମାର ରାଉତ, ସାମାଜିକ କର୍ମୀ ଅଭିମନ୍ୟୁ ଦାସ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିନାଶ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚିଣ୍ଟୁ ମିଶ୍ରଙ୍କ ଦ୍ୱାରା ନିର୍ମିତ ରେଜ୍ ଫାଉଣ୍ଡେସନ ସମ୍ପର୍କିତ ବୃତ୍ତଚିତ୍ର ‘ଆଶାର କିରଣ’ ପ୍ରଦର୍ଶିତ ହୋଇଥିଲା। ଏହାପରେ ନୃତ୍ୟ ନୈବେଦ୍ୟର କଳାକାରମାନେ ଗଣେଶ ବନ୍ଦନା, ଫେଟ୍ ଫାଇଟର୍ସର କଳାକାରମାନେ ମାଲଖମ୍ବ ପ୍ରଦର୍ଶନ, ସ୍ୱାର୍କଲ ଗ୍ରୁପ୍‌ର କଳାକାରମାନେ ଦେଶାତ୍ମବୋଧକ ନୃତ୍ୟ ଓ ପ୍ରଦକ୍ଷିଣା କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ସମାଜର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡ. ପ୍ରଭାସ ଆଚାର୍ଯ୍ୟଙ୍କୁ ରେଜ୍ ସେବାରତ୍ନ ସମ୍ମାନ, ରାଉରକେଲାର ଚାଷୀ ରିନା ଦାଶଙ୍କୁ ଶ୍ରେଷ୍ଠ ଚାଷୀ ସମ୍ମାନ, ସାମାଜିକ କର୍ମୀ ସମିତ୍ ନନ୍ଦଙ୍କୁ ଶ୍ରେଷ୍ଠ ସମାଜସେବକ ସମ୍ମାନ, ଯୁବ ବ୍ୟବସାୟୀ ସାଇନି ଖୁଣ୍ଟିଆଙ୍କୁ ଶ୍ରେଷ୍ଠ ଯୁବ ମହିଳା ବ୍ୟବସାୟୀ ସମ୍ମାନ ଏବଂ କୋଣାର୍କର ଓମ୍ ଗାୟତ୍ରୀ ଝୁଟ୍ ପ୍ରତିଷ୍ଠାନର ପ୍ରତିଷ୍ଠାତ୍ରୀ ମାନସୀ ପୃଷ୍ଟିଙ୍କୁ ଶ୍ରେଷ୍ଠ ପ୍ରେରଣାଦାୟୀ ମହିଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି କୃଷି ଓ ବ୍ୟବସାୟ କ୍ଷେତ୍ରରେ ଉତ୍କର୍ଷତା ପାଇଁ ରାଜଶ୍ରୀ ଉପାଧ୍ୟାୟ, ମଧୁସ୍ମିତା ମହାନ୍ତି ଓ ଗଙ୍ଗା ସିଂହ ସମ୍ମାନିତ ହୋଇଥିଲେ। ଧରିତ୍ରୀ କଟକ ଶାଖାର ମୁଖ୍ୟ ପ୍ରଦୀପ୍ତ କୁମାର ରଥଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ରେଜ୍ ଫାଉଣ୍ଡେସନର ଶିଳ୍ପା ଦାସ, ଶ୍ରୀକାନ୍ତ ମହାପାତ୍ର, ଆଦ୍ୟାଶା ପଟ୍ଟନାୟକ, ଦେବସ୍ମିତା ମିଶ୍ର, ସୁଶାନ୍ତ ସିଂହ, ମୁନ୍‌ମୁନ୍ ମହାନ୍ତି, ଦେବଦତ୍ତ ମହାନ୍ତି ଓ ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୬।୬।୨୦୨୨

| ୪୯,୧୨୫ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# କାର୍ଯ୍ୟକ୍ଷମ ହୋଇପାରୁନି ଅତ୍ୟାଧୁନିକ ଆଇସିୟୁ

- ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁଧୁରୁନି ସମସ୍ୟା
- ଜରୁରିକାଳୀନ ସ୍ଥିତିରେ ହଇରାଣ ହେବେ ରୋଗୀ

**ପୁରୀ ଅଫିସ,୨୬।୬:** ଚଳିତ ବର୍ଷ ରଥଯାତ୍ରାରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବା ନେଇ ପ୍ରଶାସନ ଆକଳନ କରୁଛି। ଜନଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ଆନୁଷଙ୍ଗିକ ବ୍ୟବସ୍ଥା କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା ପ୍ରତି ବିଶେଷ ଗୁରୁତ୍ୱ ଦେଉଥିବା ମନେ ହେଉନାହିଁ। ପୁରୀ ଆଇଡିଏଚ୍ ହସ୍ପିଟାଲରେ ଥିବା ୧୫ଟି ଅତ୍ୟାଧୁନିକ ଆଇସିୟୁ ଶଯ୍ୟାକୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଇନାହିଁ। ରଥଯାତ୍ରା ବେଳେ ଜରୁରିକାଳୀନ ସେବା ପାଇଁ ଆଇସିୟୁ ସେବା ଦରକାର। ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବାକୁ ପୁରୀ ସହରବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୬ଶଯ୍ୟା ବିଶିଷ୍ଟ ଆଇସିୟୁ ରହିଛି। ମାତ୍ର ଏହା ଅତ୍ୟାଧୁନିକ ନୁହେଁ ଓ ରଥଯାତ୍ରା ସମୟରେ ଏକାକୀ ସେବା ଯୋଗାଇବାକୁ ସମର୍ଥ ନୁହେଁ। ଏପରି କି ହସ୍ପିଟାଲରେ ଥିବା ସବୁ ଆଇସିୟୁ ଶଯ୍ୟାରେ ଭେଣ୍ଟିଲେଟର ସୁବିଧା ନାହିଁ। ଅନ୍ୟପକ୍ଷରେ କୋଭିଡ୍ ସଂକ୍ରମଣ ପୁରୀ ଜିଲାରେ ଶୂନ୍ୟ ସ୍ଥିତିରେ ଥିବା ସତ୍ତ୍ୱେ ଆଇଡିଏଚ୍‌ର ଅତ୍ୟାଧୁନିକ ଆଇସିୟୁ ଶଯ୍ୟାକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟଜନିତ ଜରୁରିକାଳୀନ ସ୍ଥିତିରେ ଆଇଡିଏଚ୍‌ରେ ଥିବା ଆଇସିୟୁ ସେବା ଯୋଗାଇବାରେ ସମର୍ଥ ହୋଇଥିଲେ ମଧ୍ୟ ପ୍ରଶାସନ ତାହାକୁ କାର୍ଯ୍ୟକ୍ଷମ କରିବା ଦିଗରେ ଧ୍ୟାନ ଦେଉନାହିଁ। ଲକ୍ଷାଧିକ ଟଙ୍କାର ଦାମୀ ଅତ୍ୟାଧୁନିକ ମେସିନ ଆଇସିୟୁରେ ଖତ ଖାଉଛି। ମୁଖ୍ୟ ଚିକିତ୍ସାଳୟ ଅଧିକାରୀମାନଙ୍କୁ ପ୍ରଶ୍ନ କଲେ, ଏହା କେବଳ କୋଭିଡ୍ ସମୟରେ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଉଛି। କୋଭିଡ୍ ସଂକ୍ରମଣ ନ ଥିବା ବେଳେ ଏହାକୁ ରଥଯାତ୍ରା ଭଳି ସମୟରେ ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ଷମ କରାଯାଉନାହିଁ କାହିଁକି। ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜରୁ ମଧ୍ୟ ଆଇସିୟୁ ସୁବିଧା ରୋଗୀଙ୍କୁ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ହାତପାହାନ୍ତାରେ ଆଇସିୟୁ ଥାଇ ରଥଯାତ୍ରା ଗହଳିରେ ରୋଗୀଙ୍କୁ ପ୍ରଶାସନ ପୁରୀ ବାହାରକୁ ସ୍ୱାସ୍ଥ୍ୟ ସୁବିଧା ପାଇଁ ଯିବାକୁ ବାଧ୍ୟ କରୁଛି ବୋଲି ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର କହିଛନ୍ତି, ଆଇଡିଏଚ୍‌ରେ ୧୦ଟି ପ୍ରଥମ ଶ୍ରେଣୀ ଓ ୪ଟି ୨ୟ ଶ୍ରେଣୀର ଆଇସିୟୁ ଶଯ୍ୟା ରହିଛି। କର୍ମଚାରୀ ଅଭାବରୁ ଏହାକୁ କାର୍ଯ୍ୟକ୍ଷମ କରାଯାଇପାରୁନାହିଁ। ଅତ୍ୟାଧୁନିକ ଆଇସିୟୁ ପରିଚାଳନା ପାଇଁ ଯେଉଁ ସୁଦକ୍ଷ କର୍ମଚାରୀ ଆବଶ୍ୟକ, ସେମାନେ ନାହାନ୍ତି। ଏଣୁ ବାଧ୍ୟ ହୋଇ ଏହା ବନ୍ଦ ହୋଇପଡ଼ିଛି। କରୋନା ସମୟରେ ଅସ୍ଥାୟୀ ନିଯୁକ୍ତିରେ ଅତ୍ୟାଧୁନିକ ଆଇସିୟୁ ପରିଚାଳନା କରିବା ପାଇଁ କର୍ମଚାରୀ ଆସିଥିଲେ। ସେହିଭଳି ରଥଯାତ୍ରା ସମୟରେ ଅକ୍ସିଜେନ୍ ସପୋର୍ଟ ବେଡ୍‌ର ବ୍ୟବସ୍ଥା ଆଇସିୟୁରେ କରାଯିବ ବୋଲି ସିଡିଏମ୍‌ଓ କହିଛନ୍ତି।



ରଥଟଣା ସମ୍ପର୍କରେ ଭୋଇ ସେବକଙ୍କ ସହ ଏସ୍‌ପି କନୱର ବିଶାଲ ସିଂ ଆଲୋଚନା କରୁଛନ୍ତି ।

## ଗୋପ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ

**ଗୋପ,୨୬।୬(ଡି.ଏନ୍.ଏ.):** ଗୋପରେ ନୂତନ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଷ୍ଟାଣ୍ଡ ଆଗରେ ଯେଉଁମାନେ ଅସ୍ଥାୟୀ ଭାବେ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ ସେମାନଙ୍କୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପରେ ଗୃହ ଦିଆଯିବ ବୋଲି ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ପ୍ରକାଶ ଯେ, ଗୋପ ବଜାର ଛକ ନିକଟରେ ବସ୍ ଷ୍ଟାଣ୍ଡ ନିର୍ମାଣ କରାଯିବ ବୋଲି ସ୍ଥାନୀୟ ତହସିଲ ଅଫିସ ପକ୍ଷରୁ ତଦନ୍ତ କରାଯାଇ ରିପୋର୍ଟ ଦିଆଯିବା ପରେ ମନ୍ତ୍ରୀ ଦାଶ ଓ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ କରିଥିଲେ। ଟେଣ୍ଡର ପରେ ମାପଚୁପ କରାଯାଇଥିଲା। ୧ ଏକର ୩୬ ଡିସିମିଲ ଜମିରେ ବସ୍ ଷ୍ଟାଣ୍ଡ ସହିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଉଛି।

**୪୭ ବ୍ୟବସାୟୀଙ୍କୁ ନୋଟିସ**

ପ୍ରାଥମିକ ଭାବେ ଏହି ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସ୍ଥାନୀୟ ତହସିଲ ଅଫିସ ପକ୍ଷରୁ ଅସ୍ଥାୟୀ ଭାବେ ଦୋକାନ କରି ଜୀବିକା ନିର୍ବାହ କରୁଥିବା ୪୭ ବ୍ୟବସାୟୀଙ୍କୁ ନୋଟିସ ଜାରି ହୋଇଛି। ଏଥିସହ ସୋମବାର ତହସିଲ ଅଫିସକୁ ଡକାଯାଇଥିବା ଜଣାପଡିଛି। ଅନ୍ୟପକ୍ଷରେ ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଥିବାରୁ ସେମାନଙ୍କୁ ନୋଟିସ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି। ତହସିଲଦାର ଏସ.କେ.ସାର୍ଗି କୁହନ୍ତି, ସରକାରୀ ନିୟମ ମୁତାବକ ସମସ୍ତ କାର୍ଯ୍ୟ କରାଯାଉଛି। ସମୟ ଅନୁଯାୟୀ ପର୍ଯ୍ୟାୟ ଅନୁସାରେ ଉଚ୍ଛେଦ କରାଯିବ।



ପୁରୀ ଗୋବର୍ଦ୍ଧନ ମଠରେ ରବିବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ୮୦ତମ ପ୍ରାକଟ୍ୟ ଦିବସ ବା ରାଷ୍ଟ୍ରୋତ୍କର୍ଷ ଦିବସ ପାଳନ ଅବସରରେ ସଂକୀର୍ତ୍ତନ କରାଯାଉଛି ।

## ସଂକ୍ଷେପରେ

### ସ୍ୱେଚ୍ଛାସେବୀଙ୍କୁ ପ୍ରାଥମିକ ଚିକିତ୍ସା ତାଲିମ

**ପୁରୀ ଅଫିସ, ୨୬।୬:** ରଥଯାତ୍ରାକୁ ଦୃଷ୍ଟିରେ ରଖି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ରବିବାର ସେଣ୍ଟ ଜନ୍ ଆମ୍ବୁଲାନ୍ସ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିର ଆୟୋଜନରେ ମିଶନ ଓଡ଼ିଶା ଓ ସମର୍ପଣ ଅନୁଷ୍ଠାନ ସହଯୋଗ କରିଥିଲା। ଏକାଧିକ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ପ୍ରାଥମିକ ଚିକିତ୍ସା ତାଲିମ ଦିଆଯାଇଥିଲା। ସେଣ୍ଟ ଜନ୍ ହାପିନେସ୍ ଫାଉଣ୍ଡେଶନ ଡିଭିଜନ ପ୍ରତିଷ୍ଠା କରାଯାଇଛି। ଏହି ଶିବିରକୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସେଣ୍ଟ ଜନ୍ ଆମ୍ବୁଲାନ୍ସ ସଚିବ କମିଶନର ଡ. ସନତ ପଟ୍ଟନାୟକ, ଡାକ୍ତର ଦେବ ପ୍ରସାଦ ଦାଶ, ଡେପୁଟି କମିଶନର ପ୍ରଦୀପ ବାରିକ, ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଦୀପକ ସାହୁ, ସେଣ୍ଟ ଜନ ଆମ୍ବୁଲାନ୍ସର ସହସମ୍ପାଦକ ମଧୁସୂଦନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା ଯୋଗଦେଇ ଡ୍ରଗ୍ସ ବ୍ୟବହାର ଓ କାରବାର ରୋକିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।

### ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ

**ଡେଲାଙ୍ଗ,୨୬।୬(ଡି.ଏନ୍.ଏ.):** ପିଢ଼ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ସଚେତନତା ଓ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଡ.ସ୍ୱାଗତ ଦାଶ ଜାତୀୟ ଶିକ୍ଷାନୀତି ୨୦୨୦ରେ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଅଭିବୃଦ୍ଧି ପାଇଁ ନୀତି, ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ଦୁର୍ଯ୍ୟୋଧନ ପ୍ରଧାନ ଧନ୍ଦାମୂଳକ ଶିକ୍ଷା, ଆଇସିଟିର ବ୍ୟବହାର ଓ ଗୋଷ୍ଠୀ ସମ୍ପୃକ୍ତି ସମ୍ପର୍କରେ ଗୀତ ମାଧ୍ୟମରେ ପ୍ରାସଙ୍ଗିକ ତଥ୍ୟ ଉପସ୍ଥାପନା କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ଦୟାନିଧି ମାର୍ଥା, କ୍ଷେତ୍ରବାସୀ ଆଲୁକ, ଶିକ୍ଷୟିତ୍ରୀ ଦ୍ରୌପଦୀ ସ୍ୱାଇଁ, ଶିକ୍ଷକ ରବୀନ୍ଦ୍ର ବେହେରା, ଦିଲୀପ କୁମାର ନାୟକ, ଚକ୍ରଧର ମହାପାତ୍ର, ଜଗନ୍ନାଥ ପରିଡା, ଗୋପକୃଷ୍ଣ ତ୍ରିପାଠୀ, କମିଟି ସଭାପତି ଦିବାକର ମହାପାତ୍ର, ମହେନ୍ଦ୍ର ବିଶ୍ୱାଳ, କମିଟି ସଭ୍ୟା ସୁରମା ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଦିଗାମ୍ବର ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ

**ପୁରୀ ଅଫିସ ୨୬।୬:** ସମଗରାସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶୋଭନୀୟ ଆନ୍ଦୋଳନର ପ୍ରତିଷ୍ଠାତା ଶ୍ରୀ କୁମାରଙ୍କ ସ୍ମୃତିସଭା ଓ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୋଭନୀୟ ଆନ୍ଦୋଳନର ସମ୍ପାଦିକା-ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ପୌରୋହିତ୍ୟ କରିଥିଲେ। ଅତିଥି ଭାବେ ପ୍ରଫେସର ଇନ୍ଦିରା ଜୀ, ସାମାଜିକ କର୍ମୀ ଶୁଭାଶିଷ ଖୁଣ୍ଟିଆ, ହରପ୍ରିୟା ସାହୁ, ନିରାକାର ବେଉରା, ଗୀତାଞ୍ଜଳି ବେହେରା, ପ୍ରଦୀପ୍ତ ବେହେରା ଯୋଗଦେଇଥିଲେ। ସରୋଜିନୀ ପ୍ରଧାନ, ଗୀତାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ମମତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବିଜେଡି ଦଖଲରେ ପୁରୀ ଅର୍ବାନ ବ୍ୟାଙ୍କ

**ଗୁଣଧର ଜିତିଲେ, ଚଣ୍ଡି ସିଂ ହାରିଲେ**

**ପୁରୀ ଅଫିସ,୨୬।୬:** ପୁରୀ ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ ନିର୍ବାଚନ ଫଳାଫଳ ରବିବାର ଘୋଷଣା ହୋଇଛି। ସମୁଦାୟ ୧୫ଟି ଜୋନ୍‌ରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୪ ନମ୍ବର ଜୋନ୍‌ରେ ଭାଜପା ସମର୍ଥିତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ୧୪ଟି ଜୋନ୍ ମଧ୍ୟରୁ ୬ଟିରେ ଭାଜପା ଓ ୮ଟିରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀମାନେ ଖାତା ଖୋଲିପାରିନାହାନ୍ତି। ବିଜେଡି ଜୋନ ନମ୍ବର-୧, ୩, ୫, ୬, ୧୦, ୧୨, ୧୪ ଓ ୧୫ରେ ବିଜୟ ଲାଭ କରିଛି। ସେହିଭଳି ଭାଜପା ୨, ୭, ୮, ୯, ୧୧ ଓ ୧୩ ନମ୍ବର ଜୋନ୍‌ରେ ଜିତିଥିବା ବେଳେ ୪ ନମ୍ବର ଜୋନ୍‌ରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପ୍ରାର୍ଥୀଙ୍କୁ ମିଶାଇ ୭ଟି ଆସନ ଦଖଲ କରିଛି। ବିଜେଡି ସମର୍ଥିତ ପ୍ରାର୍ଥୀମାନେ ଗୁଣଧର ଦାସମହାପାତ୍ର ଓ ଭାଜପା ସମର୍ଥିତ ପ୍ରାର୍ଥୀମାନେ ଚଣ୍ଡିପ୍ରସାଦ ସିଂଙ୍କ ନେତୃତ୍ୱରେ ନିର୍ବାଚନ ଲଢୁଥିଲେ। ଚଣ୍ଡି ସିଂ ପରାଜୟ ବରଣ କରିଥିବା ବେଳେ ଗୁଣଧର ଦାସମହାପାତ୍ର ବିଜୟୀ ହୋଇଛନ୍ତି। ଅନ୍ୟପକ୍ଷରେ ବିଜେଡି ଓ ଭାଜପାର ଅସନ୍ତୁଷ୍ଟ ଗୋଷ୍ଠୀ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରିଥିବା ସ୍ୱାଧୀନ ପ୍ରାର୍ଥୀମାନେ ବିଜୟ ଲାଭ କରିପାରିନାହାନ୍ତି। ୧ନଂ. ଜୋନ୍‌ରେ ଦେବରାଜ ସାହୁ, ୨ରେ ବୃନ୍ଦାବନ ବେହେରା, ୩ରେ ସତ୍ୟରଞ୍ଜନ ମହାନ୍ତି, ୪ରେ ରବି ଦାଶ, ୫ରେ ଗୁଣଧର ଦାସମହାପାତ୍ର, ୬ରେ ଗୀତାଞ୍ଜଳି ପଣ୍ଡା, ୭ରେ ମମତାରାଣୀ ସାହୁ, ୮ରେ ଅନୀଲ କୁମାର ସାହୁ, ୯ରେ ଉମାକାନ୍ତ ନାୟକ, ୧୦ରେ ରେଣୁବାଳା ପଣ୍ଡା, ୧୧ରେ ପ୍ରତାପ ମହାନ୍ତି, ୧୨ରେ ସରସ୍ୱତୀ ସାହୁ, ୧୩ରେ ଡ. ପ୍ରଧାନ ଧିରେନ୍ଦ୍ର ରାୟ , ୧୪ରେ ସରୋଜ କୁମାର ନାୟକ ଓ ୧୫ ନଂ. ଜୋନ୍‌ରେ ରଞ୍ଜନା ଦାଶ ବିଜୟ ଲାଭ କରିଛନ୍ତି।

## ପୁରୀ ଶଙ୍କରାଚାର୍ଯ୍ୟଙ୍କ ୮୦ ତମ ପ୍ରାକଟ୍ୟ ଦିବସ ପାଳିତ

**ପୁରୀ ଅଫିସ, ୨୬।୬:** ପୁରୀ ଗୋବର୍ଦ୍ଧନ ମଠରେ ରବିବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ୮୦ତମ ପ୍ରାକଟ୍ୟ ଦିବସ ବା ରାଷ୍ଟ୍ରୋତ୍କର୍ଷ ଦିବସ ପାଳିତ ହୋଇଯାଇଛି। ବିହାର ମିଥିଳାର ତତ୍କାଳୀନ ଦରଭଙ୍ଗା (ଅଧୁନା ମଧୁବନୀ) ଜିଲା ଅନ୍ତର୍ଗତ ହରିପୁର ବକ୍ସିଟୋଲ ନାମକ ଗ୍ରାମରେ ଆଷାଢ଼ କୃଷ୍ଣ ତ୍ରୟୋଦଶୀ ତିଥି ବୁଧବାର, ରୋହିଣୀ ନକ୍ଷତ୍ର, ବିକ୍ରମ ସମ୍ବତ୍ ୨୦୦୦ ତଦନୁସାର ୩୦ ଜୁନ୍ ୧୯୪୩ ମସିହା ଶ୍ରୋତ୍ରୀୟ କୁଳଭୂଷଣ ଦରଭଙ୍ଗା ରାଜାଙ୍କ ରାଜପଣ୍ଡିତ ଲାଲବଂଶୀ ଝା ଏବଂ ସହଧର୍ମିଣୀ ଗୀତା ଦେବୀଙ୍କ ଏକ ପୁତ୍ରରତ୍ନ ଜାତ ହୋଇଥିଲା, ଯାହାଙ୍କର ନାମ ନୀଳାମ୍ବର ଝା ରଖାଯାଇଥିଲା। ଏହି ନୀଳାମ୍ବର ଝା ବର୍ତ୍ତମାନ ପୁରୀ ପୀଠାଧୀଶ୍ୱର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ନାମରେ ପରିଚିତ। ବୈଶାଖ କୃଷ୍ଣ ଏକାଦଶୀ ଗୁରୁବାର ବିକ୍ରମ ସଂବତ୍ ୨୦୩୧ ତଦନୁସାରେ ୧୮ ଏପ୍ରିଲ୍ ୧୯୭୪ରେ ହରିଦ୍ୱାରଠାରେ ଧର୍ମସମ୍ରାଟ୍ ସ୍ୱାମୀ କରପାତ୍ରୀ ମହାରାଜଙ୍କ ଚିନ୍ମୟ କରକମଳରେ ସନ୍ନ୍ୟାସ ଗ୍ରହଣ କରିଥିଲେ। ସନ୍ନ୍ୟାସ ଗ୍ରହଣ ସମୟରେ ତାଙ୍କର ନାମ ନିଶ୍ଚଳାନନ୍ଦ ସରସ୍ୱତୀ ରଖାଯାଇଥିଲା। ପୁରୀ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠର ତତ୍କାଳୀନ ଶଙ୍କରାଚାର୍ଯ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିରଞ୍ଜନ ଦେବ ତୀର୍ଥଜୀ ମହାରାଜ ମାଘ ଶୁକ୍ଳ ଷଷ୍ଠୀ ତଦନୁସାରେ ୧୯୯୨ ଫେବୃୟାରୀ ୯ରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ପୁରୀ ପୀଠର ୧୪୫ ତମ ଶଙ୍କରାଚାର୍ଯ୍ୟ ପଦରେ ଅଭିଷିକ୍ତ କରାଇଥିଲେ। ମଠର ପରମ୍ପରା ଅନୁସାରେ ପ୍ରାକଟ୍ୟ ଦିବସ ବା ରାଷ୍ଟ୍ରୋତ୍କର୍ଷ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଷ୍ଣୁସହସ୍ରନାମପାଠ, ରୁଦ୍ରାଭିଷେକ, ହନୁମାନ ଚାଳିଶା ପାଠ, ସଂଗୋଷ୍ଠୀ, କରାଯାଇଥିଲା। ପ୍ରାନ୍ତୀୟ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କ୍ଷେତ୍ରୀୟ ସଚିବ ଦେବାଶିଷ ମିଶ୍ର, ନଗର ଅଧ୍ୟକ୍ଷ ଗଣେଶ ମହାସୁଆର, ନଗର ସଚିବ ତନ୍ମୟ ଚାଟାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉତ୍କଳ ମଧୁ ବୈଶ୍ୟ ସମାଜର ଧର୍ମଶାଳା ଉଦ୍‌ଘାଟିତ

**ପୁରୀ ଅଫିସ, ୨୬।୬:** ପୁରୀ ସହର ନିକଟ ଖଡ଼ିପଦାରେ ରବିବାର ନିଖିଳ ଉତ୍କଳ ମଧୁ ବୈଶ୍ୟ (ଗୁଡ଼ିଆ) ସମାଜର ନୂତନ ଧର୍ମଶାଳା ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ ଧର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମଧୁବୈଶ୍ୟ (ଗୁଡିଆ) ସମାଜର ସ୍ୱଜାତି ଭାଇମାନଙ୍କ ଆର୍ଥିକ ସହାୟତାରେ ଏହି ଧର୍ମଶାଳା ନିର୍ମାଣ କରାଯାଇଛି। ମଧୁବୈଶ୍ୟ ସମାଜର ସଭାପତି ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ମିଳନ୍ କୁମାର ସାହୁ, ଉପସଭାପତି ସୁନୀଲ କୁମାର ସାହୁ, ସମ୍ପାଦକ ବାସୁଦେବ ସାହୁ, ବିଜୟ କୁମାର ସାହୁ, ଯୁବ ସଙ୍ଗଠନ ସଭାପତି ବିନୋଦ ଚନ୍ଦ୍ର ସାହୁ, ଯୁବ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କଟକ ପାଞ୍ଚସାହି ଓ ନଗର ମଧୁବୈଶ୍ୟ ସମାଜର ଉପସଭାପତି ସତ୍ୟ ନାରାୟଣ ସାହୁ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଉପଦେଷ୍ଟା ସଦାନନ୍ଦ ସାହୁ, ବିଚିତ୍ରାନନ୍ଦ ସାହୁ, ଶ୍ରୀକାନ୍ତ କୁମାର ସାହୁ, ଭୀମସେନ୍ ସାହୁ, ରାମଚନ୍ଦ୍ର ସାହୁ ଓ ଲକ୍ଷ୍ମଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଡ୍ରଗ୍ସ କାରବାର ରୋକିବା ନେଇ ସଚେତନତା

**ପୁରୀ ଅଫିସ, ୨୬।୬:** ନିଶା ଏକ ମାରାତ୍ମକ ବ୍ୟାଧି। ଏଥିରେ ବିଶେଷ ଭାବରେ ଯୁବ ବର୍ଗ ପ୍ରଭାବିତ ହେଉଥିବାରୁ ସେମାନଙ୍କୁ ସଚେତନ କରି ଭଲ ବାଟକୁ ଫେରାଇ ଆଣିବା ସମସ୍ତଙ୍କ ଦାୟିତ୍ୱ ବୋଲି ଜିଲାପାଳ ସମର୍ଥ ବର୍ମା ମତ ଦେଇଛନ୍ତି। ରବିବାର ପୁରୀ ଜିଲା ଅବକାରୀ ବିଭାଗ ପକ୍ଷରୁ ଅନ୍ତଃରାଷ୍ଟ୍ରୀୟ ମାଦକ ଦ୍ରବ୍ୟର ଅପବ୍ୟବହାର ତଥା ଅବୈଧ କାରବାର ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଉନ ଥାନା ପାଖରୁ ସଚେତନତା ଶୋଭାଯାତ୍ରା ବାହାରି ଦିଗବାରେଣୀ ସମୁଦ୍ରକୂଳରେ ପହଞ୍ଚିଥିଲା। ଶୋଭାଯାତ୍ରାକୁ ଜିଲାପାଳ ଉଦ୍‌ଘାଟନ କରିବା ସହ ମାଦକ ଦ୍ରବ୍ୟ ବ୍ୟବହାରର ଅପକାରିତା ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ଶୋଭାଯାତ୍ରାରେ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନା, ବିଭାଗର ଅନ୍ୟ ଅଧିକାରୀ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରଞ୍ଜନ ଗାଙ୍ଗୁଲିଙ୍କ ଦ୍ୱାରା ବାଲୁକା କଳା ପ୍ରଦର୍ଶିତ ହୋଇଥିଲା। ସେହିପରି ଗୁଣ୍ଡିଚା ମନ୍ଦିର ନିକଟରୁ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ମାଦକ ଦ୍ରବ୍ୟ ଅପବ୍ୟବହାର ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦିଲୀପ କୁମାର ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନିମା ପଟ୍ଟନାୟକ, ଜିଲା ପରାମର୍ଶଦାତା ସିଦ୍ଧାର୍ଥ ରାୟ, ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତା, ଛାତ୍ରୀଛାତ୍ର ଏବଂ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।




ପୁରୀ ଟାଉନଥାନା ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ରଥଯାତ୍ରା ଏସ୍‌ଓପି ପୁସ୍ତିକାକୁ ଜିଲାପାଳ ଏବଂ ଏସ୍‌ପି ଉନ୍ମୋଚନ କରୁଛନ୍ତି ।

## ଖାଲିପଡ଼ିଛି ବହୁ ବିଶେଷଜ୍ଞ ପଦବୀ

**ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି ଲୋକେ**

**କଣାସ,୨୪।୬(ସ୍ୱ.ପ୍ର.):** ପୁରୀ ଜିଲାର କଣାସ ସରକାରୀ ଡାକ୍ତରଖାନାରେ ବିଭିନ୍ନ କାରଣରୁ ସ୍ୱାସ୍ଥ୍ୟସେବା ଏକ ପ୍ରହସନରେ ପରିଣତ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। କଣାସ ବ୍ଲକରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ଉପରୁ ଚହଟଚିକ୍କଣ ଦେଖାଯାଉଥିବାବେଳେ ଡାକ୍ତରଖାନା ଭିତର ଫମ୍ପା ପ୍ରତ୍ୟୟମାନ ହେଉଛି। ପ୍ରତିଷ୍ଠିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାମକୁ ମାତ୍ର କେତେଜଣ ଚୁକ୍ତିଭିତ୍ତିକ ଡାକ୍ତର କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଅତି ଆବଶ୍ୟକ ଥିବା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଏବଂ ଆଖିରୋଗ ବିଶେଷଜ୍ଞ ଦୀର୍ଘଦିନ ହେବ ନାହାନ୍ତି। ରୋଗିମାନେ ବାଧ୍ୟହୋଇ ପୁରୀ, ଭୁବନେଶ୍ୱର ଓ ଖୋର୍ଦ୍ଧା ଡାକ୍ତରଖାନା କିମ୍ବା ଘରୋଇ ନର୍ସିଂହୋମକୁ ଯାଇ ହଜାର ହଜାର ଟଙ୍କା ଗଣୁଛି। ଅନେକ ଚକ୍ଷୁରୋଗୀ ସହରକୁ ଯାଇ ନ ପାରି ନିଜ ଭାଗ୍ୟକୁ ଆଦରି ରହିଯାଉଛନ୍ତି। ଏନେଇ ବାରମ୍ବାର ଦାବି ପରେ ଜଣେ ଚକ୍ଷୁ ଚିକିତ୍ସକଙ୍କୁ ସପ୍ତାହରେ ଗୋଟିଏ ଦିନ ଶୁକ୍ରବାର କଣାସ ଆସି ଚକ୍ଷୁ ଚିକିତ୍ସା କରିବାକୁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ, ସେ ଠିକ୍ ସମୟରେ ଆସୁ ନ ଥିବା ଜଣାପଡିଛି। ସେହିପରି କୌଣସି ଦୁର୍ଘଟଣା ହେଲେ କାହାର ହାତ, ଗୋଡ ଭାଙ୍ଗି ଗଲେ ଅସ୍ତ୍ରୋପଚାର ପାଇଁ ଡାକ୍ତର ନାହାନ୍ତି। ଶିଶୁଙ୍କ ପାଇଁ ଶିଶୁରୋଗ ବିଶେଷଜ୍ଞ ନ ଥିବାରୁ ସାଧାରଣ ଡାକ୍ତରମାନେ ଅଧା ଚିକିତ୍ସା କରି ଛାଡିଦେଉଛନ୍ତି। ଲୋକମାନେ ବାରମ୍ବାର ପ୍ରଶାସନ ପାଖରେ ଏନେଇ ଅଭିଯୋଗ କରିଆସୁଛନ୍ତି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବା ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଡାକ୍ତର ଅଭାବ ନେଇ ବାରମ୍ବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଡାକ୍ତର ନିଯୁକ୍ତି ପାଇଁ ଜଣାଇଥିବା କହିଥିଲେ।

## ଅଠର ମୂଳକ କୈବର୍ତ୍ତ ମହାସଭାର ଜିଲାସ୍ତରୀୟ ଅଧିବେଶନ

**ନିମାପଡ଼ା,୨୬।୬(ଡି.ଏନ୍.ଏ.):** ଶ୍ରୀଲୋକନାଥ ଅଠର ମୂଳକ କୈବର୍ତ୍ତ ମହାସଭାର ଜିଲାସ୍ତରୀୟ ସାଧାରଣ ଅଧିବେଶନ ରବିବାର ନିମାପଡ଼ା ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଖିଳ ଉତ୍କଳ କୈବର୍ତ୍ତ ମହାସଭାର ପୁରୀ ଜିଲା ସଭାପତି ଜୟନ୍ତ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଅଧିବେଶନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ଅଠରମୂଳକ କୈବର୍ତ୍ତ ମହାସଭାର ସଭାପତି ଭରତ ଚନ୍ଦ୍ର ବେହେରା, ଓଡ଼ିଶା ପାରମ୍ପରିକ ମତ୍ସ୍ୟକର୍ମୀ ୟୁନିୟନର ରାଜ୍ୟ ସଭାପତି ପ୍ରସନ୍ନ ବେହେରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ଦଳେଇ, ପୂର୍ଣ୍ଣଚନ୍ଦ୍ର ଦାସ, ଡ.ଜଗବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ କୈବର୍ତ୍ତ ଜାତିର ବିକାଶ, ବିଭିନ୍ନ ସମସ୍ୟା ଓ ପ୍ରତିକାର ଉପରେ ଗୁରୁତ୍ୱାରୋପ କରିଥିଲେ। କୈବର୍ତ୍ତ ଜାତିର ଉନ୍ନତି, ସାଙ୍ଗଠନିକ ସ୍ଥିତିକୁ ମଜଭୁତ ଓ କ୍ରିୟାଶୀଳ କରିବା, ପ୍ରତ୍ୟେକ ଗ୍ରାମରେ ବେହେରା ପଦବୀ ସୃଷ୍ଟି କରାଯିବା, ଗରିବ କୈବର୍ତ୍ତଭାଇଙ୍କୁ ସହାୟତାର ହାତ ବଢ଼ାଇବା ସମ୍ପର୍କରେ ଆଲୋଚନା କରାଯିବା ସହ ବହୁ ନିଷ୍ପତ୍ତି ନିଆଯାଇଥିଲା। ଅଧିବେଶନରେ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲାର କୈବର୍ତ୍ତ ମହାସଭାର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।



ଅଧିବେଶନରେ ମଞ୍ଚାସୀନ ଅତିଥିମାନେ ।

## ମହିଳାଙ୍କୁ ନେଇ ଝୋଟି ପ୍ରତିଯୋଗିତା

**ପୁରୀ ଅଫିସ, ୨୬।୬:** ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ରବିବାର ଶିଶୁ ସମାଚାର ପକ୍ଷରୁ ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଳ୍ପନା ମୁଦୁଲି ପ୍ରଥମ, ସସ୍ମିତା ପାତ୍ର ଦ୍ୱିତୀୟ, ଅଞ୍ଜଳି ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। ଦୁର୍ଗା କର, ମିନାକ୍ଷୀ ଦାସ, ସତ୍ୟ ପାଢ଼ୀ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ଉପଦେଷ୍ଟା ଚକ୍ରଧର ମହାପାତ୍ର, ସାମାଜିକକର୍ମୀ ବିଦ୍ୟୁଲତା ଆଚାର୍ଯ୍ୟ, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ଖବରଦାତା ନାରାୟଣ ଦାଶ ପ୍ରମୁଖ ଯୋଗଦେଇଥିଲେ। ଶରତ କୁମାର ରାୟଗୁରୁ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଏବଂ ଅନ୍ନପୂର୍ଣ୍ଣା ଦେବୀ ଉପସ୍ଥିତ ଥିଲେ।

## ମୋ ଗୁହାଳ ଯୋଜନାରେ ଦୁର୍ନୀତି ଅଭିଯୋଗ

**ଭିଜିଲାନ୍ସ ତଦନ୍ତ ଦାବି**

**କୋଣାର୍କ,୨୬।୬(ଡି.ଏନ୍.ଏ.):** କୋଣାର୍କ ଥାନା ଅଧୀନ କାଦୁଆନୂଆଗାଁ ପଞ୍ଚାୟତର ୭ଟି ରାଜସ୍ୱ ଗ୍ରାମରେ ମୋ ଗୁହାଳ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ କାଦୁଆନୂଆଗାଁ ବିକାଶ ପରିଷଦ ପକ୍ଷରୁ କାକଟପୁର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିସହ ପରିଷଦ ପକ୍ଷରୁ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି। ସୂଚନା ମୁତାବକ ଏହି ପଞ୍ଚାୟତର ଧନୀତ୍ରି, ସନ୍ତରସ, ଉପୁଳା, ବୋବୁଆ, ତଇଲୋ, ଜଗନ୍ନାଥପଡା ଓ ପୁବେଇ ରାଜସ୍ୱ ଗ୍ରାମରେ ମୋ ଗୁହାଳ ଯୋଜନାରେ ୭୫ ପ୍ରତିଶତ ଗୁହାଳ କରା ନ ଯାଇ ଗୋଟିଏ ଗୁହାଳକୁ ଏକାଧିକ ବାର ଜିଓ ଟ୍ୟାଗ୍ କରାଯାଇ ଲକ୍ଷାଧିକ ଟଙ୍କା ମିଥ୍ୟା ବିଲ୍ କରାଯାଇ ହଡ଼ପ କରାଯାଇଛି ବୋଲି ପରିଷଦର ସଭାପତି ଭାଗୀରଥି ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷେ କେତେଜଣ ଅଧିକାରୀ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ଦ୍ୱାରା ନିର୍ମିତ ଗୃହ ବାବଦ ବିଲ୍‌କୁ ପଞ୍ଚାୟତ ଦାୟିତ୍ୱରେ ଥିବା ଭେଣ୍ଡରଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ହରିଲୁଟ କରିଥିବା ହିତାଧିକାରୀ ଦୁର୍ଯ୍ୟୋଧନ ଭୂୟାଁ, ସୁରେନ୍ଦ୍ର ମିକାପ, ଉଗ୍ରେସନ ବେହେରାଙ୍କ ସମେତ ବହୁ ହିତାଧିକାରୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଭିଜିଲାନ୍ସ ତଦନ୍ତ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ, ବିଭାଗୀୟ ସଚିବ, ମୁଖ୍ୟ ଶାସନ ସଚିବ, ପୁରୀ ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟକୁ ପରିଷଦ ପକ୍ଷରୁ ଅଭିଯୋଗପତ୍ର ପଠାଯାଇଛି। ଏନେଇ ବିଡିଓ ତୁଷାର ଜ୍ୟୋତିରଞ୍ଜନ କୁହନ୍ତି, ଘଟଣା ସମ୍ପର୍କରେ ଅଭିଯୋଗ ପାଇଛି। କାଦୁଆନୂଆଗାଁ ପଞ୍ଚାୟତ ଦାୟିତ୍ୱରେ ଥିବା ଭେଣ୍ଡରଙ୍କୁ ନୋଟିସ ଜାରି କରିଛି ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ଜୁନ୍, ୨୦୨୨



## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ବାର୍ଷିକୋତ୍ସବ

**ଭୁବନେଶ୍ୱର,୨୬।୬(ବ୍ୟୁରୋ):** ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୪୨ତମ ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଋଷିକେଶସ୍ଥିତ ଦିବ୍ୟଜୀବନ ସଂଘର ଉପ ସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ୨୦୨୦ ପାଇଁ ରବିନାରାୟଣ ମିଶ୍ର ଓ ୨୦୨୧ ପାଇଁ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ' ଏବଂ ୨୦୨୨ ପାଇଁ ବିଜୟ କୁମାର ମହାପାତ୍ରଙ୍କୁ ଶ୍ରୀ ନୀଳଚକ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ଦ୍ୱାରା ସମ୍ପାଦିତ ଶ୍ରୀଜଗନ୍ନାଥ ଚେତନା, ଭାବସମୁଦ୍ର (୩ୟ ସଂସ୍କରଣ), ଶ୍ରୀମଦ୍‌ଭଗବତ୍‌ଗୀତା, ଶ୍ରୀ ଅରବିନ୍ଦ ଚିନ୍ତନ (ହିନ୍ଦୀ), ଶ୍ରୀଜଗନ୍ନାଥ ଅନୁଭବ(ବଙ୍ଗଳା) ଆଦି ପୁସ୍ତକ ଲୋକାର୍ପଣ କରାଯାଇଥିଲା। ପ୍ରଫେସର ସୁରେନ୍ଦ୍ର ନାଥ ଦାଶ ସ୍ୱାଗତ ଭାଷଣ ଓ ପ୍ରଫେସର ପ୍ରମୋଦ କୁମାର ପରିଡ଼ା ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ପ୍ରଫେସର ନାରାୟଣ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ପ୍ରଫେସର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ପୁଣ୍ୟଦର୍ଶନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଜ୍ଞା ନୃତ୍ୟାୟନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଦ୍ରୌପଦୀ ମୁର୍ମୁଙ୍କ ନାମରେ ଲାଗିଲା ଚାରା

**ଖୋର୍ଦ୍ଧା ଅଫିସ,୨୬।୬:** ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ରବିବାର ସ୍ଥାନୀୟ ବକ୍ସି ଜଗବନ୍ଧୁ ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ସହରକୁ ସବୁଜ ସୁନ୍ଦର ଲାଗି ଅଭିଯାନ ଆରମ୍ଭ କରିଛନ୍ତି। ମଞ୍ଚ ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶବିତ୍ ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ ଚାରାରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ନାମରେ ହାଇସ୍କୁଲ ପଡିଆରେ ଚାରାଟିଏ ଲଗାଇଥିଲେ। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯିବ ବୋଲି କୁହାଯାଇଛି। ଖୋର୍ଦ୍ଧା ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ପ୍ରଭାତ ବେହେରା, ଆଇନଜୀବୀ ବିକ୍ରମ ଚମ୍ପତିଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ବାମନଙ୍କ ବାରିରେ ପାରିଜାତ ଫୁଲ

ଖୋର୍ଦ୍ଧା ଅଫିସ,୨୬।୬ : ଖୋର୍ଦ୍ଧା ନିକଟ ଗୋଡିପଡା ପଞ୍ଚାୟତ ମୋଟା ଗ୍ରାମର ବାମନ ସୁନ୍ଦରାୟଙ୍କ ବାଡିରେ ଫୁଟିଛି ପାରିଜାତ ଫୁଲ। ଏହାର ବାସ୍ନାରେ ମହକୁଛି ଗାଁ ଦାଣ୍ଡ। ଗାଁରେ ସୃଷ୍ଟି ହୋଇଛି ଏକ ଆଧାତ୍ମିକ ପରିବେଶ। ବାମନଙ୍କ ବାଡିରେ ପାରିଜାତ ଫୁଲ ଫୁଟିଥିବା ପ୍ରଚାରିତ ହେବା ପରେ ରବିବାର ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା।ମହିଳା ମାନେ ଧାଡିରେ ଆସି ଚାଉଳ, ଅକ୍ଷତ ଧରି ବନ୍ଦାପନ ସହ ହୁଳହୁଳି ପକାଇଥିଲେ। ବିଶ୍ୱାସ ରହିଛି ସେତିକି ପୁଣ୍ୟ ଅର୍ଜନ କଲେ ଯଦି ଈଶ୍ୱରଙ୍କ ଆଶୀର୍ବାଦ ରହେ ତେବେ ପାରିଜାତ ଫୁଲ ବାଡି ବଗିଚାରେ ଫୁଟିଥାଏ। ନିଜ ବାଡିରେ ବାମନ ସୁନ୍ଦରାୟ ଖୋର୍ଦ୍ଧାରୁ ପାରିଜାତ ଗଛ ଆଣି ଲଗାଇଥିଲେ। ଦୀର୍ଘ ୮ ବର୍ଷ ପରେ ଗଛରେ ପାରିଜାତ ଫୁଲ ଫୁଟିବାକୁ ନେଇ ଏହା ମହାପ୍ରଭୁ ଜଗନ୍ନାଥଙ୍କ ଆଶିଷ ବୋଲି କୁହନ୍ତି ବାମନ ଏବଂ ତାଙ୍କର ପରିବାରବର୍ଗ। ଗଛରେ ଫୁଟିଥିବା ପାରିଜାତ ଫୁଲ କୁ ପୂଜା ଅର୍ଚ୍ଚନା କରାଯାଇଛି। ଏହି ଫୁଲକୁ ଜଗନ୍ନାଥଙ୍କୁ ଅର୍ପଣ କରାଯିବ ବୋଲି ବାମନ କହିଛନ୍ତି।

### ଅନନ୍ତ ବାସୁଦେବଙ୍କ ମନ୍ଦିରରେ ରତ୍ନମୁଦ

**ବାରଙ୍ଗ,୨୬।୬(ଡି.ଏନ୍.ଏ.):** ବାବା ସୋମନାଥଙ୍କ ପୀଠରେ ଥିବା ଅନନ୍ତ ବାସୁଦେବଙ୍କ ମନ୍ଦିରରେ ରବିବାର ରତ୍ନମୁଦ ହେଇଛି। ମନ୍ଦିର ପୂର୍ଣାଙ୍ଗ କାର୍ଯ୍ୟ ଯୋରଦାର ଚାଲିଛି। ଅନନ୍ତ ବାସୁଦେବଙ୍କ ମୂର୍ତ୍ତି ନେପାଳରୁ ଆସିଥିବା ବେଳେ ୪ କୁଇଣ୍ଟାଲ ମାର୍ବଲ ପଥରରେ ନିର୍ମାଣ କରାଯାଇଛା। ଭକ୍ତମାନଙ୍କ ଦାନରେ ମନ୍ଦିର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସୋମବାର ଦଧିନଉତିରେ ରତ୍ନମୁଦ ଦିଆଯାଇଛି। ପାରମ୍ପାରିକ ରୀତିନୀତି ଅନୁଯାୟୀ ସୋମନାଥ ମନ୍ଦିର ବେଢାରେ ହୋମ ଓ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ ହୋଇଛି। ପଣ୍ଡିତ ମାଗୁଣି ଷଡ଼ଙ୍ଗୀ, ନୀଳକଣ୍ଠ ମିଶ୍ର, ତାପସ ରଞ୍ଜନ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ଉମାକାନ୍ତ ହାତୀ ଓ ତାଙ୍କ ସହଧର୍ମିଣୀ କଳ୍ପନା ହାତୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ।

# 'ଗଣତନ୍ତ୍ର ହେଉଛି ଭାରତବର୍ଷର ଆତ୍ମା'

ଖୋର୍ଦ୍ଧା ଅଫିସ,୨୬।୬

ଭାରତୀୟ ଇତିହାସରେ ୧୯୭୫ ଜୁନ ୨୫ ହେଉଛି ଏକ କଳାଦିବସ, କାରଣ ଏହି ଦିନ ଦେଶରେ ଜରୁରୀ ପରିସ୍ଥିତି ଜାରି କରାଯାଇଥିଲା। ଗଣତନ୍ତ୍ରର ସୂର୍ଯ୍ୟ ଅସ୍ତଗାମୀ ହେବା ସହ ଭାରତ ବର୍ଷ ଘନ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଥିଲା। ଭାରତୀୟମାନେ ବାକ୍ ସ୍ୱାଧିନତା ଓ ସ୍ୱାଭିମାନ ହରାଇ ବସିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ନିଜ ପଦର ଅପବ୍ୟବହାର କରି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ସ୍ୱାଧିନୋତ୍ତର ଭାରତବର୍ଷରେ ପୁଣିଥରେ ଏହା ବିରୋଧରେ ସର୍ବଭାରତୀୟ ସ୍ତରରେ ଜୟପ୍ରକାଶ ନାରାୟଣ, ନାନାଜୀ ଦେଶମୁଖଙ୍କ ଭଳି ମନିଷୀଙ୍କ ନେତୃତ୍ୱରେ ସର୍ବଭାରତୀୟ ସ୍ତରରେ ବିରାଟ ଜନ ଆନ୍ଦୋଳନ ସୃଷ୍ଟି ହୋଇଥିଲା। ହଜାର ହଜାର ଲୋକେ ଜେଲଭୋରୋ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏ ବିଷୟରେ ଚିନ୍ତନ କରିବାର ସମୟ ଆସିଛି।



ଆଲୋଚନାଚକ୍ରରେ ବରିଷ୍ଠ କୃଷକ ନେତା କୃଷ୍ଣ ଜଗଦ୍ଦେବ ଓ ଅନ୍ୟ ଅତିଥିମାନେ ।

ଗଣତନ୍ତ୍ର ହେଉଛି ଭାରତବର୍ଷର ଆତ୍ମା। ଏହାର ସୁରକ୍ଷା ପ୍ରତ୍ୟେକଙ୍କ ଦାୟିତ୍ୱ ରହିଛି ବୋଲି ଓଡ଼ିଶା ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି ତଥା ବରିଷ୍ଠ କୃଷକ ନେତା କୃଷ୍ଣ ଜଗଦ୍ଦେବ କହିଛନ୍ତି। ରବିବାର ଭାରତ ରକ୍ଷା ମଞ୍ଚ ଓ ଲୋକତନ୍ତ୍ର ସେନାନୀ ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୀତା ଭବନ ସମ୍ମିଳନୀ କକ୍ଷରେ ଗଣତନ୍ତ୍ରର ସୁରକ୍ଷା ଶୀର୍ଷକ ଏକ ଆଲୋଚନା ଚକ୍ରରେ ଜଗଦ୍ଦେବ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ଭାରତ ସୁରକ୍ଷା ମଞ୍ଚର ଜିଲା ସଭାପତି ମିହିର ବିଧାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଆଇନଜୀବୀ ଶକ୍ତିଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ଗଣତନ୍ତ୍ର ହେଉଛି ଭାରତବର୍ଷର ଅସ୍ମିତା। ଦେଶ ସ୍ୱାଧିନତା ପାଇଁ ବହୁ ମହାପୁରୁଷ, ସ୍ୱାଧିନତା ସଂଗ୍ରାମୀ ପ୍ରାଣବଳୀ ଦେଇଥିଲେ। ତେବେ ସ୍ୱାଧିନୋତ୍ତର ଭାରତରେ ଜରୁରୀ ପରିସ୍ଥିତିକୁ ପ୍ରତିରୋଧ କରିବା ପାଇଁ ଯେଉଁମାନେ ଆଗେଇ ଆସିଥିଲେ ସେମାନେ ସମ୍ମାନର ପଦବାଚ୍ୟ। ଭାରତ ହେଉଛି ସନାତନ ସଂସ୍କୃତିର ମାଟି। ପ୍ରତ୍ୟେକ କୋଣ ଅଣୁକୋଣରେ ଭାରତବର୍ଷର ଗୌରବମୟ ଇତିହାସ ରହିଛି। ଗଣତନ୍ତ୍ର ସୁରକ୍ଷିତ ରହିଲେ, ଆମେ ସୁରକ୍ଷିତ ରହିବା ବୋଲି ସେ କହିଥିଲେ।

ଧର୍ମ ପ୍ରଚାର ସମିତିର ଉତ୍କଳ ପ୍ରାନ୍ତ ପ୍ରମୁଖ ବିନାୟକ ସେନାପତି, ଲୋକତନ୍ତ୍ର ସେନାନୀ ସଂଘର ରାଜ୍ୟ ସମ୍ପାଦକ ବିଷ୍ଣୁପଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଜରୁରୀ ପରିସ୍ଥିତି ସମୟରେ ଭାରତୀୟଙ୍କ ମୌଳିକ ଅଧିକାର, ଧାରା ୨୧ ପ୍ରଦତ୍ତ ବ୍ୟକ୍ତିଗତ ସ୍ୱାଧିନତ ସମେତ ସବୁ ନାଗରିକ ଅଧିକାର ହରାଇ ବସିଥିଲେ। ଜରୁରୀ ପରିସ୍ଥିତି ଭଳି ଏକ କଠିନ ସ୍ଥିତି ସତ୍ତ୍ୱେ ଲୋକେ ଗଣତନ୍ତ୍ର ଉପରୁ ବିଶ୍ୱାସ ହରାଇ ନ ଥିଲେ। ଗଣତନ୍ତ୍ର ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଆଗେଇ ଆସିବା ପାଇଁ ସେ ଆହ୍ୱାନ କରିଥିଲେ।

ଭାରତ ରକ୍ଷା ମଞ୍ଚର ଜିଲା ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଗଗନ ବିହାରୀ ପ୍ରତିହାରୀ, ମଧୁସୁଦନ ଦାସ, ହେମନ୍ତ ଧଳ, ଶରତ କୁମାର ବେହେରା, ଗଙ୍ଗାଧର ଦାସଙ୍କ ସମେତ ବହୁ ବୁଦ୍ଧିଜିବୀ, ଶିକ୍ଷାବିତ ଉପସ୍ଥିତ ଥିଲେ।

## ନିରଞ୍ଜନ, ଗୌରହରିଙ୍କୁ ଆନନ୍ଦଶ୍ରୀ ସମ୍ମାନ

ଭୁବନେଶ୍ୱର,୨୬।୬(ବ୍ୟୁରୋ)

କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ଅନୁଷ୍ଠାନ ପକ୍ଷରୁ ରବିବାର ଆନନ୍ଦ ଉତ୍ସବ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ ଯୋଗ ଦେଇଥିଲେ। ପ୍ରାକ୍ତନ ରାଷ୍ଟ୍ରଦୂତ ଅବସର ବେଉରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସାଧକ ତଥା କଥାକାର ଗୌରହରି ଦାସ ଓ ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତଙ୍କୁ ଆନନ୍ଦ ଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଗୁରୁ ବନ୍ଦନା, ପଲ୍ଲବୀ, ସ୍ଥାୟୀ, ଅଭିନୟ ସହ ଗୀତଗୋବିନ୍ଦ ଆଧାରିତ ମଙ୍ଗଳାଚରଣ ଏବଂ ଲୋକନୃତ୍ୟ ସମ୍ବଲପୁରୀ , ବିହୁ ଜନଜାତି ଓ ରାଜସ୍ଥାନୀ ନୃତ୍ୟ ଦଳଗତ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଚାଳନା କରିଥିଲେ। ନୃତ୍ୟଗୁରୁ ପୁଷ୍ପିତା ମିଶ୍ରଙ୍କ ସହ ମାନସ ରଞ୍ଜନ ଦାଶ ସଂଯୋଜନା, ଅଂଶୁମାନ ମିଶ୍ର ଧନ୍ୟବାଦ ଦେଇଥିଲେ।



ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ଅବକାରୀ ବିଭାଗ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ନିଶା ନିବାରଣ ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ନିଶା ନିବାରଣ ସଚେତନତା ଶୋଭାଯାତ୍ରା

ଖୋର୍ଦ୍ଧା ଅଫିସ,୨୬।୬

ନିଶା ଏକ ମାରାତ୍ମକ ବ୍ୟାଧି। ଏଥିରେ ଥରେ ଅଭ୍ୟସ୍ତ ହୋଇଗଲେ, ମୁକୁଳିବା ସହଜ ହୋଇ ନ ଥାଏ। ଏପରିକି ନିଶା ଯୋଗୁ ପାରିବାରିକ ହିଂସା ଓ ସମାଜରେ ଅଶାନ୍ତି ସୃଷ୍ଟି ହୋଇ ବହୁ ପରିବାର ନଷ୍ଟ ହୋଇଯାଉଛି। ବିଶେଷକରି ଆଜିର ଯୁବପିଢି ପ୍ରଭାବିତ ହେଉଥିବାରୁ ସଚେତନତା ମାଧ୍ୟମରେ ସେମାନଙ୍କୁ ଭଲ ବାଟକୁ ଫେରାଇ ଆଣିବା ପାଇଁ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି ବୋଲି ମତପ୍ରକାଶ ପାଇଛି। ରବିବାର ସକାଳ ୮ଟାରେ ମାଦକ ଦ୍ରବ୍ୟର ଅପବ୍ୟବହାର ତଥା ଅବୈଧ କାରବାର ବିରୋଧୀ ଅନ୍ତରାଷ୍ଟ୍ରୀୟ ଦିବସ ଅବସରରେ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଡିଏସଏସଓ) ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଡିଏସଏସଓ ପ୍ରସନ୍ନ କୁମାର ମଲ୍ଲିକ, ଅବକାରୀ ଅଧୀକ୍ଷକ ଯଶକେତନ ବରିହାଙ୍କ ସମେତ ଅବକାରୀ କର୍ମଚାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଯୋଗଦେଇ ହାତରେ ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ।

## ଜଣେ ଅଣଛାତ୍ର ଗିରଫ, ଅନ୍ୟମାନଙ୍କୁ ଖୋଜୁଛି ପୋଲିସ

ଭୁବନେଶ୍ୱର,୨୬।୬(ବ୍ୟୁରୋ)

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଖଣ୍ଡା, ଭୁଜାଲି ବୁଲିବା ଘଟଣା

ଉତ୍କଳ ବିଶ୍ୱବିଦ୍ୟାଳୟରେ ଖଣ୍ଡା, ଭୁଜାଲି ବୁଲାଇବା ସହ ଗାଡ଼ି ଭଙ୍ଗାରୁଜା କରି ଆତଙ୍କ ଖେଳାଇବା ଘଟଣାରେ ଶହୀଦନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ତାରିଣୀ ବସ୍ତିର ରଶ୍ମି ରଞ୍ଜନ ବେହେରା ଓରଫ ଚିନୁ (୨୩)। ରଶ୍ମି ବିଶ୍ୱ ବିଦ୍ୟାଳୟର ଛାତ୍ର ନ ଥିବା ତଦନ୍ତବେଳେ ଜଣାପଡିଛି। ଏନେଇ ପୋଲିସ ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୮୫/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୋଜା ଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, କେତେଜଣ ଅଣଛାତ୍ର ଶୁକ୍ରବାର ପୂର୍ବାହ୍ନରେ କ୍ୟାମ୍ପସ ପରିସରେ ଜଣେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଛାତ୍ରୀଙ୍କୁ କମେଣ୍ଟ ମାରିବାରୁ ଉପସ୍ଥିତ ଛାତ୍ରମାନେ ବିରୋଧ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଛାତ୍ର ଓ ଅଣଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା। ହେଲେ ଅପରାହ୍ନରେ ୫ ଗାଡିରେ ୧୦ରୁ ଅଧିକ ଅଣଛାତ୍ର ସଂଘବଦ୍ଧ ହୋଇ ପୁଣି କ୍ୟାମ୍ପସକୁ ଆସି ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ସହ ଖଣ୍ଡା, ଭୁଜାଲି ବୁଲାଇ ଆତଙ୍କ ଖେଳାଇଥିଲେ। କେତେଜଣ ଛାତ୍ର ବିରୋଧ କରିବାରୁ ସେମାନଙ୍କ ଉପରକୁ ଖଣ୍ଡା ଫୋପାଡ଼ିଥିଲେ। ଗାଡ଼ି ଭଙ୍ଗାରୁଜା କରିଥିଲେ। ଫଳରେ ବିଶ୍ୱବିଦ୍ୟାଳୟ ପରିସର ଅଶାନ୍ତ ହୋଇ ପଡ଼ିଥିଲା। ପୋଲିସ ପହଞ୍ଚିବା ଦେଖି ସେମାନେ ଖସି ପଳାଇଥିଲେ।

## ଅଠର ମୁଳକ କୈବର୍ତ୍ତ ମହାସଭାର ଜିଲାସ୍ତରୀୟ ଅଧିବେଶନ

ନିମାପଡ଼ା,୨୬।୬(ଡି.ଏନ୍.ଏ.)

ଶ୍ରୀଲୋକନାଥ ଅଠର ମୁଳକ କୈବର୍ତ୍ତ ମହାସଭାର ଜିଲାସ୍ତରୀୟ ସାଧାରଣ ଅଧିବେଶନ ରବିବାର ନିମାପଡ଼ା ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଖିଳ ଉତ୍କଳ କୈବର୍ତ୍ତ ମହାସଭାର ପୁରୀ ଜିଲା ସଭାପତି ଜୟନ୍ତ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ଅଧିବେଶନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିଭାବେ ଅଠରମୂଳକ କୈବର୍ତ୍ତ ମହାସଭାର ସଭାପତି ଭରତ ଚନ୍ଦ୍ର ବେହେରା, ଓଡ଼ିଶା ପାରମ୍ପରିକ ମତ୍ସ୍ୟକର୍ମୀ ୟୁନିୟନର ରାଜ୍ୟ ସଭାପତି ପ୍ରସନ୍ନ ବେହେରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ଦଳେଇ, ପୂର୍ଣ୍ଣଚନ୍ଦ୍ର ଦାସ, ଡ.ଜଗବନ୍ଧୁ ବେହେରା ଯୋଗଦେଇ କୈବର୍ତ୍ତ ଜାତିର ବିକାଶ, ସମସ୍ୟା ଓ ପ୍ରତିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ପୁରୀ, ଖୋର୍ଦ୍ଧା ଆଦି ଜିଲାର କୈବର୍ତ୍ତ ମହାସଭାର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ୧୫ ବାଇକ୍, ଟଙ୍କା ଜବତ: ୩ ଗିରଫ





ବେଗୁନିଆ,୨୬।୬(ଡି.ଏନ୍.ଏ.)

### ଜୁଆଆଡ୍ଡାରେ ଚଢ଼ାଉ

ବେଗୁନିଆ ପୋଲିସ ରବିବାର ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହିରାପୁର ଗ୍ରାମର ନିବାସ ଚନ୍ଦ୍ର ସାହୁ, ମାନପୁର ଗ୍ରାମର ଅନ୍ତର୍ଯ୍ୟାମୀ ନାୟକ ଓ ପଦିଆ ନାୟକ। ଘଟଣାସ୍ଥଳରୁ ୧୫ଟି ବାଇକ୍, ଖେଳ ସାମଗ୍ରୀ ସହ ୧୪ହଜାର ୮ଶହ ଟଙ୍କା ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୫୪/୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ ମାନପୁର କାଜୁ ବଗିଚା ପରିସରରେ ଜୁଆ ଖେଳ ଚାଲୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ଲକ୍ଷ୍ମୀ ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଟିମ୍ ଗଠନ କରାଯାଇ ଜୁଆଆଡ୍ଡାରେ ଅପରାହ୍ନ ୩ଟାରେ ଚଢ଼ାଉ କରାଯାଇଥିଲା। ପୋଲିସ ୩ ଜଣଙ୍କୁ ଧରିଥିବା ବେଳେ ଅନ୍ୟ ଖେଳାଳିମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

## ନିଖୋଜ ଛାତ୍ରୀଙ୍କୁ ଉଦ୍ଧାର ଦାବିରେ ଥାନା ଘେରାଉ

ବାଲିପାଟଣା,୨୬।୬(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀ ଗତ ୨୨ତାରିଖରୁ ନିଖୋଜ ଅଛନ୍ତି। ମୁସଲମାନ ସମ୍ପ୍ରଦାୟର ଜଣେ ଯୁବକ ତାଙ୍କ ନାତୁଣୀକୁ ଅପହରଣ କରିଥିବା ନେଇ ତାଙ୍କ ଜେଜେମା ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ସମ୍ପୃକ୍ତ ଛାତ୍ରୀଙ୍କୁ ଉଦ୍ଧାର କରିପାରି ନ ଥିବା ବେଳେ ଅଭିଯୁକ୍ତଙ୍କୁ ମଧ୍ୟ ଧରିପାରି ନାହିଁ। ଏହାର ପ୍ରତିବାଦରେ ରବିବାର ନିଖୋଜ ଛାତ୍ରୀଙ୍କ ଜେଜେମାଙ୍କ ସମେତ କେତେଜଣ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଘେରାଉ ହଟିଥିଲା। ଅନ୍ୟପକ୍ଷରେ ତୁରନ୍ତ ତାଙ୍କ ନାତୁଣୀ ଉଦ୍ଧାର କରାନଗଲେ ଥାନା ଆଗରେ ଆତ୍ମହତ୍ୟା କରିବେ ବୋଲି ଜେଜେମା ଚେତାବନୀ ଦେଇଛନ୍ତି। ସୂଚନା ମୁତାବକ, ଛାତ୍ରୀ ଜଣଙ୍କ ଗତ ୨୨ ତାରିଖରେ ସ୍କୁଲକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏନେଇ ସମ୍ପୃକ୍ତ ଛାତ୍ରୀଙ୍କ ଜେଜେମା ଥାନାରେ ଅଭିଯୋଗ କରିଥିଲେ।


ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି।

## ଜବତ ଟ୍ରକ୍‌ରୁ ବ୍ୟାଟେରି ଚୋରି, ୩ ଗିରଫ

ନିରାକାରପୁର,୨୬।୬(ଡି.ଏନ୍.ଏ.)

ନିରାକାରପୁର ଥାନା ପରିସରରେ ରହିଥିବା ଜବତ ଟ୍ରକ୍‌ରୁ ବ୍ୟାଟେରି ଚୋରି ଅଭିଯୋଗରେ ରବିବାର ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ରାମେଶ୍ୱର ପଞ୍ଚାୟତ ଖଜୁରିପଡା ଗ୍ରାମର ମୁକ୍ତେଶ୍ୱର ପାଇକରାୟ ଓରଫ ଧବଳ, ଆଲୋକ ଦାସ ଓ ରାମେଶ୍ୱରର ହେମନ୍ତ ସାମଲ ଓରଫ ବାଲି। ଏମାନଙ୍କ ନିକଟରୁ ଏକ ବ୍ୟାଟେରି, ବେଲଚା ଓ ଜଗ୍ ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୧୨୪/୨୨)ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି। ସୂଚନା ମୁତାବକ, ଉକ୍ତ ଥାନା ଅଞ୍ଚଳରୁ ଜବତ ହୋଇଥିବା ଏକ ଟ୍ରକ୍(ଓଆର୦୯ଇ–୨୯୧୭)କୁ ଥାନା ପରିସରରେ ରଖାଯାଇଥିଲା। ତେବେ ଉକ୍ତ ଟ୍ରକ୍‌ରୁ ବ୍ୟାଟେରି ଚୋରି ନେଇ ପୋଲିସ ତଦନ୍ତ ଚଳାଇଥିଲା। ଏହି ଘଟଣାରେ ପୋଲିସ ୫ଜଣଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିଥିବା ବେଳେ ୩ ଜଣଙ୍କୁ ଗିରଫ କରିଛି।



## ନିଶାମୁକ୍ତ ସମାଜ ସମସ୍ତଙ୍କ ଦାୟିତ୍ୱ

ଖୋର୍ଦ୍ଧା ଅଫିସ,୨୬।୬

ଦେଶର ଜନସଂଖ୍ୟାର ଏକ ବହୁଳ ଭାଗ ହେଉଛି ଯୁବ ସମାଜ। ଯେଉଁମାନଙ୍କ କାନ୍ଧରେ ଦେଶର ଆଗାମୀ ଭବିଷ୍ୟତ ରହିଛି, ସେହିମାନେ ବିପଦଗାମୀ ହେବାରେ ଲାଗିଛନ୍ତି। ଆଜିର ଯୁବସମାଜ ଧୀରେଧୀରେ ନିଶା କବଳକୁ ଚାଲି ଗଲେଣି। ଥରେ ଏଥିରେ ପାଦ ଥାପିଲେ, ଆଉ ପଛକୁ ଫେରିବାକୁ ବହୁ ସମୟ ଲାଗେ। ଏଥିପ୍ରତି ସଚେତନ ହେଲେ ନିଶା କବଳର ଯୁବପିଢିଙ୍କୁ ସୁରକ୍ଷା ଦିଆଯାଇପାରିବ ବୋଲି ଅନ୍ତରାଷ୍ଟ୍ରୀୟ ନିଶା ଅବୈଧ କାରବାର ବିରୋଧି ଦିବସ ଅବସରରେ ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ନିଶା ସମାଜର ବାତାବରଣକୁ କଳୁଷିତ କରିବା ସହ ସାମାଜିକ ବିଦ୍ୱେଷ ଭାବ, ପାରିବାରିକ ହିଂସା ବଢୁଛି। ବିଦ୍ୟାର୍ଥୀମାନେ ନିଶା କାରବାରରେ ଲିପ୍ତ ରହିବା ଚିନ୍ତାଜନକ ବିଷୟ। ସ୍ୱଳ୍ପ ସମୟରେ ଅଧିକ ଅର୍ଥ ଲାଳସାରେ ଯୁବପିଢ଼ୀ ଏଥିରେ ସମ୍ପୃକ୍ତ ରହୁଛନ୍ତି। ନିଶାମୁକ୍ତ ସମାଜ ଗଠନ ଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଛନ୍ତି। ସାମାଜିକକର୍ମୀ ସତ୍ୟ ନାରାୟଣ ବିଶୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖବରଦାତା ରଞ୍ଜିତ ସାମନ୍ତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ଦାସ, ଓମ୍‌ପ୍ରକାଶ ମହାନ୍ତି, ସତ୍ୟ ନାରାୟଣ ବିଶୋଇ, ରାକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସରିଲା ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚନ

ବୋଲଗଡ଼,୨୬।୬(ଡି.ଏନ୍.ଏ.)

### ବୋଲଗଡ଼ ବ୍ଲକ

ବୋଲଗଡ଼ ବ୍ଲକର ମୋଟ୍ ୨୨ଟି ସେବା ସମବାୟ ସମିତି ମଧ୍ୟରୁ ୧୧ ସମିତିରେ ଗତ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହୋଇଥିଲା। ରବିବାର ଅନ୍ୟ ସମବାୟ ସମିତିରେ ନିର୍ବାଚନ ହୋଇ ଗଣତି ପରେ ଫଳାଫଳ ପ୍ରକାଶିତ ହୋଇଛି। ଏହି ବ୍ଲକର ଧଳାପଥର, ଆରିକମା, ଫାସିଓଦା, ସାଲତରା, ଡାବରଧୁଆ, ଦେଉଳି ଆଦି ସମିତିରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଖଣତି, ପିଚୁକୁଳି, ଘୋରାଡିଆ, କାଦୁଆପଡା ଆଦି ସମିତିରେ ସମସ୍ତ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିବାରୁ ସେଠାରେ ନିର୍ବାଚନ ହୋଇ ନ ଥିଲା। ବଡ଼କୁମ୍ଭାରୀ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଚନ୍ଦନପୁରପାଟଣା ସମିତିରେ ଭୋଟର ତାଲିକାରେ ଅନିୟମିତତା ନେଇ ନିର୍ବାଚନ ସ୍ଥଗିତ ରହିଛି। ତେବେ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ସକାଳ ୭ ଟା ଠାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଚାଲିଥିଲା ପରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇଥିଲା। ଶାନ୍ତିଶୃଙ୍ଖଳାରେ ଏହି ନିର୍ବାଚନ ଶେଷ ହୋଇଛି। ଡାବରଧୁଆ ପାଟଣା ସେବା ସମବାୟ ସମିତି ନିର୍ବାଚନରେ ମୋଟ୍ ୧୫ ସ୍ଥାନରୁ ୪ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଅନ୍ୟ ୧୧ଟି ସ୍ଥାନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା ହୋଇଥିଲା। ଏଠାରେ ନିର୍ବାଚନ ଅଧିକାରୀଭାବେ ଧିରେନ୍ଦ୍ର ବେହେରା, ପ୍ରିଜାଇଡିଂ ଅଫିସର ବିଦ୍ୟାଧର ମହାପତ୍ର, ପୋଲିଂ ଅଫିସର ଦୁର୍ଯ୍ୟୋଧନ ପ୍ରଧାନ, ବାଙ୍କନିଧି ଲେଙ୍କା ପ୍ରମୁଖ ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ। ସମବାୟ ସମିତି ମାନଙ୍କରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା।

